## ନୂଆ ରୂପରେ ଡାକୋଟା




# ମହାନାୟକ ବିଜୁବାବୁ

ବିଜୁଦା, ବିଜୁ ପଟ୍ଟନାୟକ ଓ ବିଜୁବାବୁ ଏହିପରି କିଛି ନାମରେ ପରିଚିତ ଥିଲେ ଅନେକ କିମ୍ବଦନ୍ତୀ କାହାଣୀର ସ୍ରଷ୍ଟା, ମହାନାୟକ, ପ୍ରଖ୍ୟାତ ସ୍ୱାଭିମାନୀ ରାଜନେତା ବିଜୁବାବୁ। ସେ ଥିଲେ ଏପରି ଜଣେ ଚରିତ୍ର, ଯିଏ କି ଭୂମିରୁ ଭୂମା ପର୍ଯ୍ୟନ୍ତ ଥିଲା ତାଙ୍କ ବ୍ୟକ୍ତିତ୍ୱ। କେବଳ ଓଡ଼ିଶାର ଘରେ ଘରେ ନୁହେଁ ବା ଭାରତର ରାଜନୀତି କ୍ଷେତ୍ରରେ ନୁହେଁ ବିଶ୍ୱ ଇତିହାସରେ ବିଜୁବାବୁ ଜଣେ ଏପରି ନାମ ଯାହାଙ୍କ ଉପରେ ଏବେ ବି ଚର୍ଚ୍ଚା, ଆଲୋଚନା, ବିଶ୍ଳେଷଣ ଓ ଗବେଷଣା ଚାଲୁରହିଛି। ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ୍ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଶୈଶବରୁ ସେ ଥିଲେ ଦୁଃସାହସୀ। ତାଙ୍କର ଦୁଃସାହସ ସମ୍ପର୍କିତ କେତୋଟି ଘଟଣା ସଂକ୍ଷେପରେ ଜାଣିବା ଉଚିତ। ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା। ବନ୍ୟା ଆସିଲେ ଉତ୍କଳମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ବାହାରିପଡ଼ନ୍ତି। ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ। ସାଙ୍ଗରେ ଥିଲେ ବାରବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର। ଉଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ। ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ। ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ। ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ। କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ। ତାଙ୍କ ଦୁଃସାହସ ଦେଖି ସେଦିନ ଚମତ୍କୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ। ୧୯୨୬ ମସିହା କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଚ୍ଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୋଲିସ ଛାଡ଼ୁ ନ ଥାଏ। ଡେଙ୍ଗା,ପତଳା ବିଜୁ ଭିଡ଼ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୋଲିସଙ୍କ ଲାଠିକୁ ଖାତିର ନ କରି। ଉପସ୍ଥିତ ପୋଲିସ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝରଝର ଲହୁ। ହେଲେ ଭୟ ନ କରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୋଲିସକୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ।

ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟଣା। ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ। ବିମାନ ଦେଖିବା ଲାଗି ନାହିଁ ନ ଥିବା ଭିଡ। ବିଜୁଙ୍କ ଇଚ୍ଛା ପାଖରୁ ଦେଖିବେ। ପୋଲିସକୁ ନ ମାନି, ବାଡ଼ ଭାଙ୍ଗି ବିମାନ ନିକଟରେ



ପହଞ୍ଚିପାରିଥିଲେ। ପରିଣାମସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର। ସେହିଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ, ହୋଇଥିଲେ ମଧ୍ୟ। ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ। ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ସେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିର୍‌ଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା।

**– ସୁମନ୍ତ କୁମାର ଭୂୟାଁ**
ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭ ୦୯୮୦

# ଇତିହାସର ମୂକସାକ୍ଷୀ – ବିଜୁଙ୍କ ଡାକୋଟା

ସେ ଥିଲେ ଜଣେ ସ୍ୱପ୍ନିଳ ମଣିଷ। ପୁଞ୍ଜିପତିର ସ୍ୱପ୍ନ, ରାଜନୀତିର ସ୍ୱପ୍ନ, ଦୁର୍ଦ୍ଧର୍ଷ ପାଇଲଟ ହେବାର ସ୍ୱପ୍ନ ଭିତରେ ଅପୂର୍ବ ସମନ୍ୱୟ ଘଟିଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୀବନରେ। ଖଟିଖିଆ ମଣିଷର ସ୍ୱପ୍ନ ସାକାର କରିବାକୁ ଯାଇ ପୁଞ୍ଜିପତି ହେବାରେ ସେ ସଫଳ ହୋଇପାରିଲେ ନାହିଁ। ଏକଦା ରୟାଲ ଏୟାର ଫୋର୍ସର ଏକ ହେଲିକପ୍ଟରକୁ ଅତି ନିକଟରୁ ଛୁଇଁବାପାଇଁ ଯାଇ ଯେଉଁ ଯୁବକ ପୋଲିସର ଲାଠିମାଡ଼ ଖାଇ ରକ୍ତାକ୍ତ ହୋଇଥିଲା, ସେଇ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ରେଭେନ୍ସା କଲେଜରେ ବିଜ୍ଞାନରେ ସ୍ନାତକ ପଢ଼ା ନ ସରୁଣୁ ରୟାଲ ଏୟାର ଫୋର୍ସର ପାଇଲଟ ଭାବେ ତାଲିକାର ଶୀର୍ଷରେ ରହି ମନୋନୀତ ହେଲେ। ପ୍ରଚଣ୍ଡ ଧୀ ଶକ୍ତି ଓ ଉପସ୍ଥିତ ବୁଦ୍ଧିସମ୍ପନ୍ନ ଏହି ଯୁବକଙ୍କୁ ମନୋନୟନ କମିଟି ଦୁଇଥର ସାକ୍ଷାତ୍‌କାର କରାଇଥିଲେ। ସାକ୍ଷାତ୍‌କାର ସମୟରେ ପ୍ରଥମ ପ୍ରଶ୍ନ ଥିଲା ଯେ ପାଇଲଟ ଭଳି ଏକ ବିପଦପୂର୍ଣ୍ଣ ଓ କଷ୍ଟସାଧ୍ୟ କାମ ବିଷୟରେ ଜାଣିବି ସେ କାହିଁକି ସେଥିପାଇଁ ଆଗ୍ରହୀ। ବିଜୁଙ୍କ ଉତ୍ତର ଥିଲା ଯେ ସେ ଗଛ, ପର୍ବତ, ବରଫ, ସମୁଦ୍ର ଓ ବିଭିନ୍ନ ପ୍ରାନ୍ତରେ ଉଡ଼ିବାକୁ ଏକ ସଉକ ରଖନ୍ତି ; ପୃଥିବୀକୁ ପକ୍ଷୀର ଦୂରତା ଓ ପକ୍ଷୀର ସ୍ୱାଧୀନତା ସହ ପକ୍ଷୀର ଆଖିରେ ଦେଖିବାକୁ ଚାହାନ୍ତି ; ଆଉ ଯଦି କିଛି ଅଘଟଣ ଘଟେ ତେବେ କିଛି ଅନୁଶୋଚନା ବା ପରବାୟ ନାହିଁ। ବିଜୁଙ୍କ ଉତ୍ତରରେ ମନୋନୟନ କମିଟିର ଅଧ୍ୟକ୍ଷ ପ୍ରଭାବିତ ହୋଇ କହିଥିଲେ, ସେ ଉତ୍ତରରେ ଦର୍ଶନ ଓ କାବ୍ୟର ଅପୂର୍ବ ଭାବପୂର୍ଣ୍ଣ ସମନ୍ୱୟ କରିଛନ୍ତି।

ଇଣ୍ଡୋନେସିଆ ଯୁଦ୍ଧ ସମୟରେ ଯେତେବେଳେ ସୁକର୍ନୋ, ସାହାରିଆର ଓ ହାଟା ଆଦି ନେତୃବୃନ୍ଦ ଡଚ୍‌ଙ୍କ ଦ୍ୱାରା ଗୃହବନ୍ଦୀ ଥିଲେ ଠିକ୍ ସେତିକିବେଳେ ରୟାଲ ଏୟାରଫୋର୍ସର ଏହି ସୁଦୀର୍ଘ ଓଡ଼ିଆ ପାଇଲଟ ଜବାହରଲାଲ ନେହେରୁଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତାଙ୍କର ହୃଦ୍‌ବୋଧ ହୋଇଥିଲା ଓ ଆତ୍ମବିଶ୍ୱାସ ଥିଲା ଯେ ଏହି ଯୁବକ ଇଣ୍ଡୋନେସିଆର ଗୃହବନ୍ଦୀ ନେତୃବର୍ଗଙ୍କୁ ଉଦ୍ଧାର କରିପାରିବେ। ୧୯୪୭ରେ ନେହେରୁଙ୍କ ଏହି ଆତ୍ମବିଶ୍ୱାସକୁ ସାକାର କରିଥିଲେ ବିଜୁ ପଟ୍ଟନାୟକ। ପ୍ରତିକୂଳ ପାଗ ଓ କଡ଼ା ପହରା ସତ୍ତ୍ୱେ ଶତ୍ରୁପକ୍ଷ ଆଖିରେ ଧୂଳିଦେଇ ସୁକର୍ନୋଙ୍କ ପରି ନେତୃବର୍ଗଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ଆଉ ଏହି ଐତିହାସିକ ବୀରତ୍ୱ ପ୍ରଦର୍ଶନ ସମୟରେ ପାଖରେ ଥିଲେ ବୀରତ୍ୱର ପୂଜାରିଣୀ ତାଙ୍କ ସ୍ତ୍ରୀ ଜ୍ଞାନ ପଟ୍ଟନାୟକ। ଇଣ୍ଡୋନେସିଆ ଯୁଦ୍ଧର ଏହି ସଫଳ ନାୟକଙ୍କୁ ତାଙ୍କ ସରକାର 'ଭୂମିପୁତ୍ର'ର ଆଖ୍ୟାଦେଇ ଦେଶର ସର୍ବୋଚ୍ଚ ସମ୍ମାନ 'ବିନ୍‌ତାଙ୍ଗ ଯଶ୍ ଉତ୍ତମ'ରେ ବିଭୂଷିତ କରାଇଥିଲେ। ସେ ଯେଉଁ ବିମାନରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି କାର୍ଯ୍ୟ କରିଥିଲେ ତାହାଥିଲା ବିଜୁଙ୍କ 'ଡାକୋଟା' ବିମାନ। ଏକ ଦୁର୍ଦ୍ଧର୍ଷ ପାଇଲଟ ହିସାବରେ ପାକିସ୍ତାନର ଆକ୍ରମଣକୁ ଖାତିର ନ କରି ୧୯୪୭ରେ କଶ୍ମୀରକୁ ପ୍ରଥମ ସେନାଦଳ ନେଇ ଶ୍ରୀନଗର ବିମାନ ଘାଟିରେ ପହଞ୍ଚିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏକ ଦୁର୍ଦ୍ଧର୍ଷ ଓ ଦକ୍ଷ ପାଇଲଟ ଭାବେ ଜାପାନ ଆକ୍ରମଣକୁ ଭୃକ୍ଷେପ ନ କରି ମାଲେସିଆ, ସିଙ୍ଗାପୁର ଓ ବର୍ମାରେ ଥିବା ବ୍ରିଟିଶ ପରିବାରମାନଙ୍କୁ ବିମାନରେ ଉଦ୍ଧାର କରିଥିଲେ। ନାଜି ଆକ୍ରମଣ ସମୟରେ ଲାଲବାହିନୀ ସପକ୍ଷରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟପାଇଁ ଏହି ଦୁର୍ଦ୍ଧର୍ଷ ପାଇଲଟଙ୍କୁ ସୋଭିଏତ୍ ରୁଷ୍ ପକ୍ଷରୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର୍ ଅଫ୍ ଲେନିନ' ଉପାଧିରେ ଭୂଷିତ କରାଯାଇଥିଲା।

ବିଜୁଙ୍କ ଏହି ଡାକୋଟା ବିମାନ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ, ଓଡ଼ିଆଙ୍କ ସ୍ୱାଭିମାନର ସଙ୍କେତ, ଓଡ଼ିଆଙ୍କ ବୀରତ୍ୱ ଓ ସାହସିକତାର ପ୍ରତୀକ। ବିଜୁବାବୁ ଜଣେ ଶିଳ୍ପପତି ହିସାବରେ ପ୍ରତିଷ୍ଠା କରିଥିଲେ କଳିଙ୍ଗ ଏୟାର ଲାଇନ୍ସ, ଯଦିଓ ଏହା କ୍ରମଶଃ ଦୁର୍ବଳହୋଇ ବେଶିଦିନ ତିଷ୍ଠି ରହିପାରିଲାନି, କିନ୍ତୁ ପାଇଲଟ ହିସାବରେ ବିଜୁଙ୍କ ପରାକ୍ରମ ଚିରଦିନ ରହିଗଲା ଅମରହୋଇ। ବ୍ରିଟିଶ ଅଧୀନରେ ଚାକିରି କରି ମଧ୍ୟ ବିଜୁ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ କାର୍ଯ୍ୟ କରୁଥିଲେ। ନିଜଘରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ରଖୁଥିଲେ ଓ ବ୍ରିଟିଶ ସରକାରଙ୍କୁ ଭାରତରୁ ହଟାଇବା ପାଇଁ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେଥିପାଇଁ ତାଙ୍କୁ ଅପରାଧୀ ଭାବେ ବିବେଚନା କରାଯାଇ ଜେଲ ଯିବାକୁ ପଡ଼ିଥିଲା।

ବିଜୁଙ୍କ ଡାକୋଟା ଏକାଧାରରେ ସାହସ ଓ ପ୍ରେମର ପ୍ରତୀକ। ଇଣ୍ଡୋନେସିଆ ଯିବାର ସୁରାକ ପାଇଲା ପରେ ଜ୍ଞାନ ପଟ୍ଟନାୟକ ବିଜୁଙ୍କୁ ଏକୁଟିଆ ଛାଡ଼ିବାକୁ ଚାହୁଁନ ଥିଲେ। ତେଣୁ ଡାକୋଟାରେ ବିଜୁଙ୍କ ସହିତ ଗଲେ। ସେ କହୁଥିଲେ ଯେହେତୁ ବିଜୁ ଏହି ଡାକୋଟାକୁ ଭଲ ପାଉଥିଲେ ଓ ସେ ବିଜୁଙ୍କୁ ଭଲ ପାଉଥିଲେ, ତେଣୁ ପରୋକ୍ଷରେ ସେ ଡାକୋଟାକୁ ଭଲ ପାଇବାକୁ ବାଧ୍ୟ। ଅମା ଅନ୍ଧାର ରାତିରେ ପ୍ରଥମେ ନ ଯିବା ପାଇଁ ବାରଣ କରିଥିଲେ ହେଁ ତାହା ବିଜୁଙ୍କ ଲକ୍ଷ୍ୟ ଭ୍ରଷ୍ଟ କରିପାରି ନ ଥିଲା। ଝଡ଼ ଓ ତୋଫାନ ମଧ୍ୟରେ ଡାକୋଟା ଗତି କରିଥିଲା ଯଦି କିଛି ଅଘଟଣ ଘଟିଥା'ନ୍ତା ଦୁହେଁ ଏହା ଭୋଗିଥାନ୍ତେ। ଯେଭଳି ଗୋଟିଏ ଇଗଲ ନୀଳ ଆକାଶର ଦୂରତାକୁ ଭଲପାଏ ଠିକ୍ ସେଇଭଳି ବିଜୁ ଭଲପାଉଥିଲେ– ଗତି, ଖେଳ ଓ ଦୁଃସାହସକୁ। ବିଜୁଙ୍କ ଏହି ସାହସିକ ଯାତ୍ରା ସମୟରେ ବିଜୁ ଜ୍ଞାନ ପଟ୍ଟନାୟକଙ୍କୁ ଭୟ ଲାଗୁଛିକି ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ଜ୍ଞାନଙ୍କ ନିର୍ଭୟ ଉତ୍ତର ଥିଲା ସେ ଅର୍ଜୁନଙ୍କ ସ୍ତ୍ରୀ। ଏହି ଉକ୍ତି ଏକ ଭାରତୀୟ ନାରୀର ପତିବ୍ରତାର ସନ୍ଦେଶ।

ଆଜି ବିଜୁ ନାହାନ୍ତି ସତ କିନ୍ତୁ ତାଙ୍କ ବୀରତ୍ୱର ଗାଥା ବହନ କରୁଛି ତାଙ୍କ ଡାକୋଟା ବିମାନ। ପାଇଲଟ ଚାକିରି ଛାଡ଼ି ନେହେରୁଙ୍କ ପ୍ରରୋଚନାରେ ସେ ଓହ୍ଲାଇ ଆସିଥିଲେ ରାଜନୀତିକୁ। କିନ୍ତୁ ରାଜନୀତିର ପଙ୍କିଳ ଗୋଲକଧନ୍ଦା ଭିତରେ ସହଜରେ ଆଗକୁ ବଢ଼ି ପାରି ନ ଥିଲେ। କିନ୍ତୁ ପ୍ରଥମରୁ ଶେଷଯାଏ ଖେଳୁଆଡ଼ ମନୋଭାବ ନେଇ ରାଜନୀତିର ମଇଦାନରେ ଖେଳିଥିଲେ। ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଆମେ ଦେଖିବା ଯେ ବିଜୁବାବୁ ଖୁବ୍ କମ ସମୟ କ୍ଷମତାରେ ରହିଥିଲେ– ୧୯୬୧–୬୩ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ୧୯୭୭–୮୦ କେନ୍ଦ୍ରମନ୍ତ୍ରୀ ଓ ପୁଣି ୧୯୯୦ରେ ଦ୍ୱିତୀୟବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ। କିନ୍ତୁ ୧୯୪୭ ମସିହାରୁ ୧୯୯୭ ଏହି ଅର୍ଦ୍ଧ ଶତାବ୍ଦୀର ଇତିହାସରେ ଓଡ଼ିଶାର ସବୁଠାରୁ ଚର୍ଚ୍ଚିତ ବ୍ୟକ୍ତିଥିଲେ ବିଜୁ ପଟ୍ଟନାୟକ। ଏହି ସମୟରେ ଓଡ଼ିଶାରେ ତାଙ୍କର ବ୍ୟକ୍ତିତ୍ୱ କ୍ଷମତା ଜାହିର କରୁଥିଲା, କ୍ଷମତାକୁ ନିୟନ୍ତ୍ରଣ କରୁଥିଲା ଓ କ୍ଷମତା ସମ୍ପନ୍ନଙ୍କୁ ଲକ୍ଷ୍ମଣରେଖା ଭିତରେ ରହିବାକୁ ବାଧ୍ୟ କରୁଥିଲା। ସାଧାରଣ ଜନତାଠାରୁ ଆରମ୍ଭକରି ଅସାଧାରଣ ବ୍ୟକ୍ତି ଏ ସମସ୍ତଙ୍କର ନେତାଥିଲେ ବିଜୁବାବୁ। ସେଇଥିପାଇଁ ଓଡ଼ିଶାର କୋଣ ଅନୁକୋଣରେ ''ବିଜୁ ପଟ୍ଟନାୟକ'' କହିଲେ ଅନେକେ ଭାବପ୍ରବଣ ହୋଇଉଠନ୍ତି; ଓଡ଼ିଶାର ସ୍ୱାଭିମାନ କଥା ମନେପଡ଼େ, ଦେଶପ୍ରେମର କଥା ସ୍ୱତଃ ଉଙ୍କିମାରେ, ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱର ଝଲକ ଆଇନା ଭଳି ଦେଖାଯାଏ। ରାଜନୀତିର ପଶାପାଳିରେ ହୁଏତ ସେ କେତେବେଳେ ନିରାଶ ହୋଇଛନ୍ତି ବା ତାଙ୍କର ଉଚିତ ଆସନ ପାଇନାହାନ୍ତି କିନ୍ତୁ ଜୀବନ ସାରା ଏକ ବଳିଷ୍ଠ ବ୍ୟକ୍ତିତ୍ୱର ନିଦର୍ଶନ ଦେଇ ଜନମାନସରେ ଅମର ହୋଇଯାଇଛନ୍ତି। ଜୀବନର ପ୍ରତି ପାହାଚରେ ସେ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ କିଛି କରିବାକୁ ଚାହୁଁଥିଲେ। ''ନେହେରୁଙ୍କ ପରେ କିଏ'' ପୁସ୍ତକର ଲେଖକ ୱେଲ୍‌ସ ହେଙ୍ଗନ ବିଜୁଙ୍କଠାରେ ସେଇ ବ୍ୟକ୍ତିତ୍ୱ ଓ ପରାକ୍ରମ ଅନୁଭବ କରି ବିଜୁଙ୍କୁ ନେହେରୁଙ୍କ ଭାବୀ ଦାୟାଦ ଭାବେ ଚିତ୍ରଣ କରିଥିଲେ। ଭାଗ୍ୟର ବିଡ଼ମ୍ବନା ଯେ ଏହି ବଳିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ ଭାରତର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ହୋଇପାରି ନ ଥିଲେ ଯଦିଓ ତାଙ୍କ ଇଙ୍ଗିତରେ ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ଚୟନ କରାଯାଉଥିଲା। ବିଜୁ ପଟ୍ଟନାୟକ ଥିଲେ ଓଡ଼ିଶାର ଏପରି ଜଣେ ସୁସନ୍ତାନ, ଯାହାଙ୍କ ପାଇଁ ପ୍ରତି ଓଡ଼ିଆ ଗର୍ବିତ।

**– ଡ. ମନୋରଞ୍ଜନ ମହାନ୍ତି**
ମୋ –୯୪୩୭୧୯୯୧୦୬

# ଗଞ୍ଜାମରୁ ଆରମ୍ଭ ବିଜୁଙ୍କ ରାଜନୀତି

### ଜଗନ୍ନାଥପ୍ରସାଦ, ସୋରଡ଼ାରୁ କଂଗ୍ରେସ ବିଧାୟକ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଗଞ୍ଜାମରୁ ଆରମ୍ଭ କରିଥିଲେ ଭୋଟ ରାଜନୀତି। ଜିଲାରୁ ଲଗାତର ଦୁଇଥର କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ୧୯୫୧–୫୨ ସାଧାରଣ ନିର୍ବାଚନରେ ତତ୍କାଳୀନ ଜଗନ୍ନାଥପ୍ରସାଦ ନିର୍ବାଚନମଣ୍ଡଳୀରୁ ଏବଂ ୧୯୫୭ ନିର୍ବାଚନରେ ସୋରଡ଼ା ନିର୍ବାଚନମଣ୍ଡଳୀରୁ କଂଗ୍ରେସରୁ ଜିତିଥିଲେ। ୧୯୬୧–୬୨ ନିର୍ବାଚନରେ କଟକ ଜିଲା ଚୌଦ୍ୱାର ଆସନରୁ ପୁଣି କଂଗ୍ରେସରୁ ନିର୍ବାଚିତ ହୋଇ ପ୍ରଥମ ଥର ରାଜ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସ୍ୱଳ୍ପକାଳ କ୍ଷମତାସୀନ ହୋଇଥିବା ବିଜୁବାବୁ ଜାତୀୟ କଂଗ୍ରେସର କାମରାଜୁ କାର୍ଯ୍ୟକ୍ରମରେ ଯୋଗଦେଇ ପଦ ଛାଡ଼ିଥିଲେ। ତେଣୁ ବୀରେନ ମିତ୍ର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଜୁଙ୍କ ପୈତୃକ ଗ୍ରାମ ଭଞ୍ଜନଗର ନିକଟ ନୂଆଗାଁ। ତାଙ୍କ ବାପା ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସେଠାରେ ଜନ୍ମ ହୋଇଥିଲେ। ତେଣୁ ଭୋଟ ରାଜନୀତି ପାଇଁ ପ୍ରଥମେ ଗଞ୍ଜାମ ଜିଲାକୁ ବାଛିଥିଲେ। ସେତେବେଳେ ଏହି ଜିଲାରେ ବିରୋଧୀ ଭାବେ ମୁଖ୍ୟତଃ କମ୍ୟୁନିଷ୍ଟ ଏବଂ ଆଉ କେତେକ ଅଞ୍ଚଳରେ ଗଣତନ୍ତ୍ର ପରିଷଦ ପାର୍ଟି କଂଗ୍ରେସକୁ ମୁକାବିଲା କରୁଥିଲା। ୧୯୯୬ ଲୋକ ସଭା ନିର୍ବାଚନରେ ସେ ଆସିକା କ୍ଷେତ୍ରରୁ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ମାତ୍ର ବର୍ଷକରେ ୧୯୯୭ରେ ଆରପାରିକୁ ଚାଲିଗଲେ। ଆସିକା ଲୋକ ସଭା ଉପନିର୍ବାଚନ ୧୯୯୭ରେ ହୋଇଥିଲା। ପୁତ୍ର ନବୀନ ପଟ୍ଟନାୟକ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ଭୋଟରେ ନିର୍ବାଚିତ ହେଲେ। ଫଳରେ ପିତାଙ୍କ ପରେ ପୁତ୍ର ମଧ୍ୟ ଗଞ୍ଜାମରୁ ଭୋଟ ରାଜନୀତି ଆରମ୍ଭ କରିଛନ୍ତି। ଉପନିର୍ବାଚନ ପରେ ୧୯୯୮ ଓ ୯୯ ଲୋକ ସଭା ନିର୍ବାଚନରେ ନବୀନ ବିଜୁ ଜନତା ଦଳରୁ ଏମ୍‌ପି ହୋଇ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୨୦୦୦ ବିଧାନସଭା ନିର୍ବାଚନ ବେଳେ ସେ ଏମ୍‌ପି ପଦ ଛାଡ଼ି ପ୍ରଥମେ ହିଞ୍ଜିଳିକାଟୁ ସେଗ୍‌ମେଣ୍ଟରୁ ବିଧାୟକ ହେଲେ। ସେଠାରୁ ଲଗାତର ୫ ଥର ଜିତି ୫ମ ପାଳି ମୁଖ୍ୟମନ୍ତ୍ରୀ ହୋଇ ଜାତୀୟ ରାଜନୀତିରେ ଚର୍ଚ୍ଚିତ ହୋଇଛନ୍ତି। ବିଜୁବାବୁଙ୍କ ଭଳି ନବୀନଙ୍କର ମଧ୍ୟ ଏହି ଜିଲାରେ ଲୋକପ୍ରିୟତା ବଢ଼ି ଚାଲିଛି। ପ୍ରବାଦ ପୁରୁଷଙ୍କ ଜନ୍ମ ତିଥିରେ ଜିଲା ଓ ବିଶେଷକରି ସୋରଡ଼ା ଓ ଜଗନ୍ନାଥପ୍ରସାଦ ଅଞ୍ଚଳର ପୁରୁଣାକାଳିଆ ଲୋକେ ତାଙ୍କୁ ମନେପକାଉଛନ୍ତି।

**– ନରସିଂହ ସାହୁ, ବ୍ରହ୍ମପୁର**


















ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ମାର୍ଚ୍ଚ, ୨୦୨୩

## ନନ୍ଦନକାନନରେ ମଣିପୁର ହରିଣ ମୃତ

ବାରଙ୍ଗ,(ଡି.ଏନ୍.ଏ.)- ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ନମ୍ବର(ଖ) ଏନକ୍ଲୋଜରରେ ରହୁଥିବା ସବୁଠୁ ବୟସ୍କ ଅଣ୍ଡିରା ମଣିପୁର ହରିଣର ଶନିବାର ସକାଳେ ମୃତ୍ୟୁ ଘଟିଛି। ବୟସାଧିକ କାରଣରୁ ମଣିପୁର ହରିଣଟି ମୃତ୍ୟୁ ସନ୍ଦେହ କରାଯାଉଥିବାବେଳେ ଏହାର ମୃତ୍ୟୁପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୧ରେ ପହଞ୍ଚିଛି। ଏହି ପ୍ରଜାତିର ହରିଣ ମଣିପୁରୀ, ବର୍ମା ଓ ଥାଇଲାଣ୍ଡର ସନ୍ତସନ୍ତରିଆ ଅଞ୍ଚଳରେ ବାସ କରନ୍ତି।



## ସଂକ୍ଷେପରେ

### ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପାଳିଲା ମହିଳା ଦିବସ

ଭୁବନେଶ୍ୱର,୪।୩(ବ୍ୟୁରୋ) ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପକ୍ଷରୁ ଶନିବାର ବିଭିନ୍ନ କାର୍ଯ୍ୟକ୍ରମ ସହିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ସ୍ୱାସ୍ଥ୍ୟ ପରିଚାଳନା ଓ ସଚେତନତା ଉପରେ ଛାତ୍ରୀଛାତ୍ର, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସହ ଆଲୋଚନା ହୋଇଥିଲା। ଭୁବନେଶ୍ୱର ସମ୍ ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ଡ. ଶୁଭେନ୍ଦୁ ଏନ୍ ମିଶ୍ର 'ଚିନ୍ତା ଓ ଚାପ ପରିଚାଳନା' ଉପରେ ବକ୍ତବ୍ୟ ରଖିଥିବାବେଳେ ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲର ପରାମର୍ଶଦାତା ସୌମ୍ୟ ଦାଶ ପ୍ରତିଷେଧକ ବ୍ୟବସ୍ଥା ସହ 'ଗର୍ଭରୁ ସମାଧି ପର୍ଯ୍ୟନ୍ତ ସ୍ତ୍ରୀ ରୋଗ' ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲିଙ୍ଗଗତ ସମାବେଶୀ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ନିର୍ଦ୍ଧାରଣରେ ନାରୀବାଦୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ମୀରା ଦାସ ଓ ରିଲାଏନ୍ସ ରିଟେଲର ପୂର୍ବତନ ପରାମର୍ଶଦାତା ମଧୁମିତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲିଙ୍ଗଗତ ସମାନତା ପାଇଁ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର ଏବଂ ଲିଙ୍ଗଗତ ଭେଦଭାବ ଦୂର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସିଏସ୍ଆଇଆର-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଜି.ଏନ୍ ଶାସ୍ତ୍ରୀ ଭର୍ଚୁଆଲ୍‌ରେ ଯୋଗ ଦେଇଥିବାବେଳେ ବୈଜ୍ଞାନିକ ଇନ୍-ଚାର୍ଜ ଡ. ଏ.କେ. ସାହୁ ଓ ଉତ୍ସବର ସଂଯୋଜକ ଡ. ଏମ୍ .ଜି. ସୁଜନା ଅଧକ୍ଷତା କରିଥିଲେ।

### ସ୍ତ୍ରୀଙ୍କୁ ମାଡ ମାରି ସ୍ୱାମୀ ଗିରଫ

ଭୁବନେଶ୍ୱର,୪।୩ (ବ୍ୟୁରୋ) : ସ୍ତ୍ରୀଙ୍କୁ ମାଡ ମାରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ ସଦର ଥାନା ଅଞ୍ଚଳର ସୋମନାଥ ସାହୁ (୩୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତ ସୋମନାଥ ପୀଡିତାଙ୍କୁ ୨୦୧୪ରେ ବିବାହ କରିଥିଲେ। ଉଭୟଙ୍କର ୨ କନ୍ୟା ସନ୍ତାନ ଅଛନ୍ତି। କିନ୍ତୁ କିଛି ଦିନ ହେବ ସୋମନାଥଙ୍କର ଅନ୍ୟଜଣେ ମହିଳାଙ୍କ ସହିତ ସମ୍ପର୍କ ଥିବା ଜାଣିବା ପରେ ସ୍ତ୍ରୀ ତାଙ୍କୁ ଏନେଇ ପଚାରିଥିଲେ। ଏହା ଶୁଣି ଅଭିଯୁକ୍ତ ସୋମନାଥ ହଠାତ ଉତକ୍ଷିପ୍ତ ହୋଇ ତାଙ୍କୁ ମାରଧର କରିବା ସହ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଏନେଇ ପୀଡିତା ମହିଳା ଥାନାରେ ଅଭିଯୋଗ କରିଥିଲେ ।

# ସହରରେ ୬୫୮୨ ଗୋରୁଙ୍କୁ ୬୯୪ ଗୁହାଳ

ଭୁବନେଶ୍ୱର, ୪।୩ (ବ୍ୟୁରୋ)



ଏଣିକି ରାସ୍ତାରେ ବୁଲିଲେ ଷଣ୍ଢ ସମେତ ଗାଈ, ବଳଦ ଓ ମଇଁଷିଙ୍କୁ ମଧ୍ୟ ଉଠାଇ ନେବ ବିଏମ୍‌ସି। ଆବଶ୍ୟକ ପଡିଲେ ସମ୍ପୃକ୍ତ ମାଲିକଙ୍କ ଗୋଶାଳା ବନ୍ଦ କରିବା ସହ ଗୋରୁଙ୍କୁ ବିଏମ୍‌ସିର ଗୋଶାଳାକୁ ପଠାଇ ଦିଆଯିବ ବୋଲି ଚେତାଇ ଦିଆଯାଇଛି। ସହରକୁ ଗୋରୁମୁକ୍ତ କରିବା ପାଇଁ ବିଏମ୍‌ସି ଲଗାତାର ଭାବେ ପ୍ରୟାସ କରୁଥିବାବେଳେ ହକି ବିଶ୍ୱକପ୍ ସମୟରେ ଏହାକୁ ଜୋର୍‌ଦାର କରାଯାଇଥିଲା। ବିଶେଷକରି ରାସ୍ତାରୁ ଷଣ୍ଢ ଉଠାଇବା ଉପରେ ଗୁରୁତ୍ୱାରୋପ କରାଯାଉଥିଲା। ମାତ୍ର ଏବେ ଗାଈ, ବଳଦ, ମଇଁଷି ସମସ୍ତଙ୍କୁ ଉଠାଇ ନେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ୪ମାସ ମଧ୍ୟରେ ୧୭ଶହରୁ ଊର୍ଦ୍ଧ୍ୱ ବୁଲା ଗୋରୁଙ୍କୁ ବିଏମ୍‌ସି ରାସ୍ତାରୁ ଉଠାଇ ନେଇ ଗୋଶାଳାରେ ଭର୍ତ୍ତି କରିଛି। ମାତ୍ର ଏହାପରେ ବି ରାଜରାସ୍ତାରେ ଗୋରୁଙ୍କ ଅବାଧ ବିଚରଣ ବିଏମ୍‌ସି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ସେଥିପାଇଁ ବିଏମ୍‌ସି ପକ୍ଷରୁ ୱାର୍ଡ ୱାରି ଗାଈ, ବଳଦଙ୍କ ଗଣତି ଆରମ୍ଭ କରାଯାଇଥିଲା। ଇତି ମଧ୍ୟରେ ଗଣତି ଶେଷ ହୋଇଛି। ସହରରେ ୬୯୪ଟି ଗୁହାଳ ଥିବାବେଳେ ସେଥିରେ ୬ ହଜାର ୫୮୨ ଗାଈ, ବଳଦ ଏବଂ ମଇଁଷି ରହିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଦକ୍ଷିଣ ପୂର୍ବ ଜୋନ୍‌ରେ ୨୧ଶହ ଗାଈ, ବଳଦ ରହିଥିବାବେଳେ ମାତ୍ର ୨୧୩ଟି ଗୁହାଳ ରହିଛି। ସେହିପରି ଦକ୍ଷିଣ ପଶ୍ଚିମ ଜୋନ୍‌ରେ ଗାଈ ଓ ମଇଁଷି ସଂଖ୍ୟା ୨୪୮୨ ଥିବାବେଳେ ୨୮୬ଟି ଗୁହାଳ ଏବଂ ଉତ୍ତର ଜୋନରେ ଏହି ସଂଖ୍ୟା ୨ହଜାର ଥିବାବେଳେ ଗୁହାଳ ସଂଖ୍ୟା ୫୪୩ ରହିଛି। ଗାଈ ରଖିଥିବା ଏକାଧିକ ମାଲିକଙ୍କର ନିଜସ୍ୱ ଗୁହାଳ ନାହିଁ। ସେମାନେ ବିଏମ୍‌ସି ଜାଗାରେ ଗୁହାଳ କରିବା ସହ ଅଧିକାଂଶ ସମୟରେ ସେମାନଙ୍କୁ ରାସ୍ତାରେ ବୁଲିବାକୁ ଛାଡି ଦେଉଛନ୍ତି। ଫଳରେ ଗାଈଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ସେହିପରି ସର୍ବସାଧାରଣ ରାସ୍ତାରେ ମଳତ୍ୟାଗ କରୁଥିବାରୁ ରାସ୍ତାଘାଟ ଅପରିଷ୍କାର ହେଉଛି। ତେଣୁ ଏହାକୁ ଗୁରୁତର ଭାବେ ନେବା ସହ ରାସ୍ତାକୁ ଗାଈଗୋରୁ ଛାଡୁଥିବା ମାଲିକଙ୍କୁ ବିଏମ୍‌ସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ରାସ୍ତାକୁ ଗୋରୁ ଛାଡୁଥିବାରୁ ଅନେକ ସମସ୍ୟା ହେଉଛି। ଓଡ଼ିଶା ମହାନଗର ନିଗମ ଆଇନ୍-୨୦୦୩ର ଉଲ୍ଲଂଘନ କରୁଥିବାରୁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେ ନେଇ ସମ୍ପୃକ୍ତ ମାଲିକ ନୋଟିସ୍ ପାଇବାର ୩ଦିନ ମଧ୍ୟରେ ବିଏମ୍‌ସି କାର୍ଯ୍ୟାଳୟରେ କୈଫିୟତ ଦାଖଲ କରିବାକୁ କୁହାଯାଇଛି। ନଚେତ୍ ସେମାନଙ୍କୁ ଗୋଶାଳା ବନ୍ଦ କରିବା ସହ ଉକ୍ତ ସ୍ଥାନରେ ଥିବା ସମସ୍ତ ଗାଈଗୋରୁଙ୍କୁ ବିଏମ୍‌ସି ଗୋଶାଳାକୁ ସ୍ଥାନାନ୍ତର କରାଯିବ। ବିଏମ୍‌ସିର ଏଭଳି ପଦକ୍ଷେପ ଦ୍ୱାରା ସହରରେ କେତେ ଗୋରୁ, ଗୋଶାଳା ରହିଛି ତାହାର ତଥ୍ୟ ମଧ୍ୟ ବିଏମ୍‌ସି ପାଖରେ ରହିବ। ସେହିପରି ଯେଉଁମାନେ ଗୋରୁଙ୍କୁ ଏଣେତେଣେ ଛାଡି ଦେଉଥିଲେ, ଏବେ ସେମାନେ ସତର୍କ ହେବେ ବୋଲି ଡେପୁଟି କମିଶନର (ଏବିସି) ରମେଶ ଚନ୍ଦ୍ର ଜେନା କହିଛନ୍ତି।

**ବିଏମ୍‌ସିର ଗଣନା ସରିଲା**

- ଅଧିକାଂଶ ବିଏମ୍‌ସିର ଜାଗାରେ ଗୋରୁ ରଖି ରାସ୍ତାକୁ ଛାଡୁଛନ୍ତି
- ଏଣିକି ରାସ୍ତାରେ ବୁଲିଲେ ଗୋରୁ, ମଇଁଷି ଉଠାଇ ନିଆଯିବ
- ଗୋଶାଳା ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି

# ରାବିଜ୍ ଫ୍ରି ହେବ ଭୁବନେଶ୍ୱର



ଭୁବନେଶ୍ୱର, ୪।୩ (ବ୍ୟୁରୋ)

ସହରରେ କେତେ ବୁଲା କୁକୁର ଅଛନ୍ତି ସେ ନେଇ ବିଏମ୍‌ସି ପକ୍ଷରୁ ସର୍ଭେ କରାଯିବ। ସେହିପରି ଏବିସି (ଆନିମଲ୍ ବାର୍ଥ କଣ୍ଟ୍ରୋଲ) ପ୍ରୋଗ୍ରାମ ଅନୁଯାୟୀ ବୁଲା କୁକୁରମାନଙ୍କର ବନ୍ଧ୍ୟାକରଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏବେ ଦିନକୁ ୨୫ରୁ ୩୦ଟି କୁକୁରଙ୍କର ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହେଉଥିବାବେଳେ ଏହାକୁ ବଢାଇବା ପାଇଁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ମେୟର ଦାସ ଡେପୁଟି କମିଶନର (ଏବିସି) ରମେଶ ଚନ୍ଦ୍ର ଜେନାଙ୍କ ସହ ଶହୀଦନଗରସ୍ଥିତ ସରକାରୀ ଭେଟେରିନାରି ହସ୍ପିଟାଲ ପରିଦର୍ଶନ ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରକୁ କିପରି ରାବିଜ୍ ଫ୍ରି ବା ଜଳାତଙ୍କ ରୋଗମୁକ୍ତ ସହର ଭାବେ ପରିଣତ କରିବା ପାଇଁ ଚେଷ୍ଟା କରାଯାଉଛି। ଏଥିପାଇଁ କୁକୁରମାନଙ୍କୁ ନିୟମିତ ଭାବେ ଆଣ୍ଟି ରାବିଜ୍ ଭ୍ୟାକ୍ସିନ ଦେବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୩/୪ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ କୁକୁରଙ୍କୁ ଆଣ୍ଟି ରାବିଜ୍ ଭ୍ୟାକ୍ସିନ ଦିଆଯିବ। ଫଳରେ କୁକୁର କାମୁଡାରେ ରାବିଜ୍ ରୋଗ ହେବନାହିଁ। ସେହିପରି ସହରରେ ଥିବା କୁକୁରଙ୍କ ବନ୍ଧ୍ୟାକରଣ ଏବଂ ଭ୍ୟାକ୍ସିନେଶନ ପାଇଁ ବିଏମ୍‌ସି ପକ୍ଷରୁ ମହାରାଷ୍ଟ୍ରର ଏକ ସଂସ୍ଥା ଭେଟସ୍ ଫର୍ ଆନିମଲ ସହିତ ଚୁକ୍ତି କରାଯାଇଛି।

**ଶହୀଦନଗର ଭେଟେରିନାରି ହସ୍ପିଟାଲ ବୁଲି ଦେଖିଲେ ମେୟର**

- ୩/୪ ବର୍ଷ ବୁଲା କୁକୁରଙ୍କୁ ଭ୍ୟାକ୍ସିନ୍ ଦିଆଯିବ
- ବନ୍ଧ୍ୟାକରଣ ପାଇଁ ମହାରାଷ୍ଟ୍ର ସଂସ୍ଥା ସହ ଚୁକ୍ତି

ସହରରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ବୁଲା କୁକୁର ଥିବାବେଳେ ମାସରେ ୧ହଜାର କୁକୁରଙ୍କ ବନ୍ଧ୍ୟାକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମାତ୍ର ଭେଟେରିନାରି ହସ୍ପିଟାଲରେ ଏକ ସମୟରେ ମୋଟ୍ ୧୨୦ଟି କୁକୁର ରହି ପାରିବାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ୨୦/୨୫ଟି ଆହତ ବା ରୋଗଗ୍ରସ୍ତ କୁକୁରଙ୍କ ପାଇଁ ରହୁଛି। ଗୋଟିଏ କୁକୁରର ଅସ୍ତ୍ରୋପଚାର କରି ତାକୁ ଛାଡିବା ପାଇଁ ପ୍ରାୟ ୩ଦିନ ସମୟ ଲାଗିଥାଏ। ତେଣୁ ମାସକରେ ୫ରୁ ୬୬ଶହ କୁକୁରଙ୍କର ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇପାରୁଛି। ଫଳରେ ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ତେଣୁ ଅସ୍ଥାୟୀ ଭାବେ କୁକୁରଙ୍କ ପାଇଁ କେନେଲ କରିବା ସହ ଅସ୍ତ୍ରୋପଚାରର ସଂଖ୍ୟା ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ହସ୍ପିଟାଲ ପ୍ରଦର୍ଶନ ସମୟରେ ମେୟର କୁକୁରଙ୍କ ନିମିତ୍ତ ଥିବା ବିଭିନ୍ନ ଔଷଧପତ୍ର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ବୁଲି ଦେଖିଥିଲେ।

# ଗୁରୁ ବିଚିତ୍ରାନନ୍ଦଙ୍କୁ 'ଉତ୍ସାହ ସମ୍ମାନ'



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ନୃତ୍ୟଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଓ ଅନ୍ୟମାନେ।

ଭୁବନେଶ୍ୱର,୪।୩(ବ୍ୟୁରୋ)

ନୃତ୍ୟ ନିନାଦ ପକ୍ଷରୁ ନୃତ୍ୟ ମହୋତ୍ସବ 'ଉତ୍ସାହ' ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତ, ବିଶିଷ୍ଟ ଚିକିତ୍ସକ ସିଦ୍ଧାର୍ଥ ମହାନ୍ତି, ଗାୟକ ତଥା ସଙ୍ଗୀତ ସଂଯୋଜକ ଡ. ସଚ୍ଚିକାନ୍ତ ନାୟକ ଏବଂ ବିଶିଷ୍ଟ କବି ତଥା କଳା ସମୀକ୍ଷକ କେଦାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନୃତ୍ୟଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ 'ଉତ୍ସାହ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଅପରାହ୍ନରେ ଯୁବ ନୃତ୍ୟଶିଳ୍ପୀଙ୍କୁ ନେଇ ଆୟୋଜିତ 'ନବଉନ୍ନତ' କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ଏଥିରେ ସାନଭି କର, ସିୟା ସୁନିଷ୍ଠା, ଶ୍ରୀଲଗ୍ନା ପତି, ବିଶ୍ୱଜିତ୍ ମହାପାତ୍ର, ରାଜକୁମାର କର, ଟି. ତୁଳିକା ରେଡି ଏବଂ ତେଜସ୍ୱିନୀ ପଲାଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୁରୁ ଧନେଶ୍ୱର ସ୍ୱାଇଁ ଓ ସଚ୍ଚିଦାନନ୍ଦ ଦାସଙ୍କ ଯୁଗ୍ମ ମର୍ଦ୍ଦଳ ବାଦନ ସହ ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ଏକ ଓଡ଼ିଶୀ ନୃତ୍ୟ ପରିବେଷଣ ବେଶ୍ ଚିତ୍ତାକର୍ଷକ ଥିଲା। ପରେ ରୁବି ହାତୀ ଓ ଶର୍ମିଷ୍ଠା ତରାଇଙ୍କ ଦ୍ୱାରା ଶିବ ପଞ୍ଚକ, ସନ୍ତୋଷ ରାମ୍ ଦ୍ୱାରା ପ୍ରିୟେ ଚାରୁଶୀଳେ ଦେଖିବାକୁ ମିଳିଥିଲା। ଦେବଦାସୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ନିଦାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୁରୁ ଅମୂଲ୍ୟ କୁମାର ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ଓ ବିଶ୍ୱଜିତ୍ ବଳିଆର ସିଂହଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା।

# ଓଡ଼ିଶା ୱିମେନ ଇନ୍ ମିଡିଆର ଶୁଭାରମ୍ଭ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଓଡ଼ିଶାର ବିଭିନ୍ନ ଗଣମାଧ୍ୟମ ଓ ଏଥିସହ ଜଡ଼ିତ ମହିଳାଙ୍କୁ ନେଇ ଓଡ଼ିଶା ୱିମେନ ଇନ୍ ମିଡିଆ(ଓଡବ୍ଲ୍ୟୁଏମ୍)ର ଗଠନ ହେବା ସହ ଶନିବାର ଏହାର ଶୁଭାରମ୍ଭ ହୋଇଛି। ଶିକ୍ଷା ଓ ଅନୁସନ୍ଧାନ(ସୋଆ) କ୍ୟାମ୍ପସ ୨ର କନ୍‌ଭେନ୍‌ଶନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଏବଂ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ସଂଗଠନର ଶୁଭାରମ୍ଭ କରିବା ସହ ଏହାର ଲୋଗୋକୁ ମଧ୍ୟ ଉନ୍ମୋଚନ କରିଥିଲେ। ମେୟର ଦାସ ସାମ୍ବାଦିକତା କ୍ଷେତ୍ରରେ ନିଜର ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରି କହିଲେ, ଏହି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନେ ଏବେ ନିଜର ସମସ୍ୟା ଓ ବୃତ୍ତିଗତ କାର୍ଯ୍ୟଧାରା ସମ୍ପର୍କରେ ଅନୁଷ୍ଠାନ ମାଧ୍ୟମରେ ଆଲୋଚନା କରିପାରିବେ। ତେବେ ନୈତିକ ମୂଲ୍ୟବୋଧକୁ ନ ଭୁଲି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ମହିଳା କମିଶନ ଅଧକ୍ଷା ମିନତୀ ବେହେରା କହିଲେ, ନିଜ ଉପରେ ଭରସା ରଖି ପରସ୍ପର ସହ ସହଯୋଗ ମନୋଭାବ ରଖି କାର୍ଯ୍ୟ କଲେ ମହିଳାମାନେ ଆଗକୁ ଯାଇପାରିବେ ବୋଲି ସେ କହିଥିଲେ।

# ଆଜି ଜୀ ସାର୍ଥକରେ 'ହୋଲି ସମ୍ପର୍କର ରଙ୍ଗ'




ଭୁବନେଶ୍ୱର,୪।୩

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଜି ସାର୍ଥକ ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ହୋଲି କାର୍ଯ୍ୟକ୍ରମ 'ହୋଲି ସମ୍ପର୍କର ରଙ୍ଗ'ର ଆୟୋଜନ କରାଯାଇଛି। ବିଶେଷ କରି ଚଳିତ ବର୍ଷର ହୋଲିକୁ ଭିନ୍ନ ଏକ ଢଙ୍ଗରେ ପାଳନ କରାଯାଉଛି। ଏପରିକି ସାତ ରଙ୍ଗର ଅଭିର ଏବଂ ସମ୍ପର୍କରକୁ ନେଇ ଏଥରର ହୋଲି ରଙ୍ଗୀନ ହେବ। ସେହିଭଳି ପ୍ରଥମଥର ପାଇଁ ଓଡ଼ିଶା ଟେଲିଭିଜନ ଜଗତରେ ଦର୍ଶକ ଦେଖିବେ ଏକ ନିଆରା କାହାଣୀ, ଯେଉଁଥିରେ ସମ୍ପର୍କର ବିଭିନ୍ନ ରଙ୍ଗକୁ ଏକ ଭିନ୍ନ ଢଙ୍ଗରେ ପରିବେଷଣ କରାଯାଇଛି। ଏହି ସ୍ୱତନ୍ତ୍ର ହୋଲି କାର୍ଯ୍ୟକ୍ରମରେ ଜୀ ସାର୍ଥକର ସମସ୍ତ ବଡ ବଡ ସେଲିବ୍ରେଟି ଅଭିନୟ କରିବା ସହ ରଙ୍ଗ ମାଧ୍ୟମରେ ଆପଣଙ୍କୁ ଆମୋଦିତ କରିବେ। କଥାରେ ଅଛି ସମ୍ପର୍କ ହୃଦୟରୁ ହିଁ ହୁଏ, ହସ ଖୁସିର ସଂସାରରେ ସମ୍ପର୍କର ସେତୁ ଯୋଡି ହୋଇଛି। ଜୀ ସାର୍ଥକର ସମସ୍ତ ସେଲିବ୍ରିଟଙ୍କୁ ନେଇ ଅଭିନବ ଏବଂ ନିଆରା କାର୍ଯ୍ୟକ୍ରମ ହୋଲିରେ କିଛି ଭିନ୍ନତା ଆଣିବା ପାଇଁ ଜୀ ସାର୍ଥକ ହୋଲି ସମ୍ପର୍କର ରଙ୍ଗ ପ୍ରସ୍ତୁତ କରିଛି। ଯେଉଁଥିରେ ଭରପୁର ମନୋରଞ୍ଜନ ଓ ମନ ଛୁଆଁ ଏକ କାହାଣୀ ରହିଛି। ଉଲ୍ଲେଖଯୋଗ୍ୟ ମାର୍ଚ୍ଚ ୫ତାରିଖ ସଂଧ୍ୟା ୬ଟା ୩୦ମିରେ ଜୀ ସାର୍ଥକର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଲି ସମ୍ପର୍କର ରଙ୍ଗ କାର୍ଯ୍ୟକ୍ରମଟି ନିଶ୍ଚିତ ଲୋକାଦୃତ ହେବ ବୋଲି ଜୀସାର୍ଥକର ଚିଫ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚ୍ୟାନେଲ ହେଡ୍ ପ୍ରତୀକ ସିଲ ଆଶା ପ୍ରକଟ କରିଛନ୍ତି।




କିଟ୍ ବିଶ୍ୱବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ସାଇବର ବିଶେଷଜ୍ଞ ପ୍ରଶାନ୍ତ ଗୁପ୍ତା ଓ ଅନ୍ୟ ଅତିଥିମାନେ।

# ୭.୨୦ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୪।୩(ବ୍ୟୁରୋ): ସାହାଯ୍ୟ ନେବା ଆଳରେ ୭.୨୦ ଲକ୍ଷ ଠକିବା ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବରପାଟଣା ଗ୍ରାମର ସୁରେନ୍ଦ୍ର କୁମାର ନାୟକ(୫୮)। ସୁରେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ରମେଶ ଚନ୍ଦ୍ର ହୋତାଙ୍କ ଘର ନିକଟରେ ଅଭିଯୁକ୍ତ ସୁରେନ୍ଦ୍ର ରହୁଥିଲେ। ଉଭୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କର ଥିଲା। ସାହାଯ୍ୟ ନେବା ଆଳରେ ବିଭିନ୍ନ ସମୟରେ ରମେଶଙ୍କଠାରୁ ସୁରେନ୍ଦ୍ର ୭ ଲକ୍ଷ ୨୦ ହଜାର ଟଙ୍କା ନେଇ ଆଉ ଫେରାଉ ନ ଥିଲେ। ଏନେଇ ରମେଶଙ୍କ ଅଭିଯୋଗକ୍ରମେ ୨୦୧୯ ଏପ୍ରିଲ ୨ରେ ପୋଲିସ ଏକ ମାମଲା (ନଂ.୧୧୭/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସାଇବର ନିରାପତ୍ତା ଉପରେ ମହିଳାଙ୍କୁ ସଚେତନତା

ଭୁବନେଶ୍ୱର, ୪।୩(ବ୍ୟୁରୋ)

**କିଟ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ**

ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆଇନ ବ୍ୟବସ୍ଥାରେ ମହିଳାଙ୍କ ନେତୃତ୍ୱ, ସାଇବର ନିରାପତ୍ତା କ୍ଷେତ୍ରରେ ମହିଳାଙ୍କ ଭୂମିକା ଏବଂ ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଆଦି ବିଷୟ ବସ୍ତୁ ଉପରେ ଆଲୋଚନା ସହ ଏହି ସଂକ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷର ବିଷୟବସ୍ତୁ ରହିଛି 'ଡିଜିଟାଲ: ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଫର୍ ଜେଜଣ୍ଡର ଇକ୍ୱାଲିଟି' । ଆଲୋଚନା ଚକ୍ରରେ ପ୍ରଜନନ ପ୍ରଣାଳୀରେ ସାମଗ୍ରିକ ସୁସ୍ଥତା, ଯୌନ ସଂକ୍ରମଣ ରୋକିବା, ନିରାପଦ ଗର୍ଭ ଧାରଣ ଓ ପ୍ରସବ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା। କିଟ ନର୍ସିଂ ସ୍କୁଲର ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଋତୁସ୍ରାବ ଜନିତ ସମସ୍ୟା ଏବଂ ଏ ନେଇ ସମାଜରେ ପ୍ରଚଳିତ ବିଭିନ୍ନ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସଚେତନତା ସୃଷ୍ଟି କରାଇଥିଲେ। ସ୍କୁଲର ଅଧ୍ୟକ୍ଷା ପ୍ରଫେସର ନିୟତି ଦାସ, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସୁଷମା ସାହୁ, ଉପାଧ୍ୟକ୍ଷା ପ୍ରଫେସର କଲ୍ୟାଣୀ ରଥ ଏବଂ କିଟ୍ ୱିମେନ ଫୋରମ ସଦସ୍ୟା ଦୀପାଳି ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇଥିଲେ। ଲିଙ୍ଗଗତ ସମାନତା, ସର୍ଜନା, ପ୍ରଯୁକ୍ତିବିଦ୍ୟା ଏବଂ ସାଇବର ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସାଇବର ବିଶେଷଜ୍ଞ ପ୍ରଶାନ୍ତ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋବାଇଲ ଫୋନ ଏବଂ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ନେଇ ସଚେତନ କରାଇବା ସହ ତାଲିମ ପ୍ରଦାନ କରିଥିଲେ। ଏହା ସହ ଅନ୍‌ଲାଇନରେ ହେଉଥିବା ଠକେଇଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ପ୍ରଯୁକ୍ତି ବିଦ୍ୟା ଏବଂ ସାଇବର ସୁରକ୍ଷା ମହିଳାଙ୍କ ପାଇଁ କେତେ ଉପଯୋଗୀ ସେ ବିଷୟରେ କହିଥିଲେ । କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି କିଟ୍ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ନାରୀଶିକ୍ଷା ଏବଂ ନିଯୁକ୍ତିକୁ କିଭଳି ଗୁରୁତ୍ୱ ଦେଉଛନ୍ତି ସେ ବିଷୟରେ ଆଲୋକପାତ କରିଥିଲେ। କିଟ୍‌ୱିମେନ ଫୋରମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଟ୍ ସ୍କୁଲ ଅଫ ଇଞ୍ଜିନିୟରିଂ ପ୍ରଫେସର କ୍ରିଷ୍ଣା ଚକ୍ରବର୍ତ୍ତୀ, କିଟ୍ ୱିମେନ ଫୋରମ ଅଧ୍ୟକ୍ଷା ପୁଷ୍ପଲତା ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କିଟ୍ ଲ' ସ୍କୁଲର ନିର୍ଦ୍ଦେଶକ ପ୍ରଫେସର ଭବାନୀ ପ୍ରସାଦ ପଣ୍ଡା, ଜାପାନ ଦୋଶିଶା ବିଶ୍ୱବିଦ୍ୟାଳୟର ପ୍ରଫେସର କେଜି କାୱାଇ ଏବଂ ପ୍ରଫେସର ଆକିରା କାୱାଗୁଚି, ପ୍ରଫେସର ପରମିତା ଚଟୋରାଜ, ପ୍ରଫେସର ବିନିତା ବେହେରା, ପ୍ରଫେସର ଜିନିଆ କୁଣ୍ଡୁ, ପ୍ରଫେସର ପାରୋମିତା ଚାଟ୍ଟୋରାଜ, ପ୍ରଫେସର ସୌମ୍ୟା ମହାପାତ୍ର ଓ ପ୍ରଫେସର ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ ।

# ୱିମେନ୍ ଆଚିଭର୍ସ ଅଫ୍ ଓଡ଼ିଶା'ରେ ୩୨ ମହିଳା ସମ୍ମାନିତ

ଭୁବନେଶ୍ୱର,୪।୩(ବ୍ୟୁରୋ)



'ୱିମେନ୍ ଆଚିଭର୍ସ ଅଫ୍ ଓଡ଼ିଶା' (ୱାଓ-୨୦୨୩)ର ତୃତୀୟ ସଂସ୍କରଣରେ ଯୋଗ ଦେଇଥିବା ଅତିଥିମାନେ।

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ 'ପ୍ରମେୟ' ଏବଂ 'ନ୍ୟୁଜ୍-୭' ପକ୍ଷରୁ ୱିମେନ୍ ଆଚିଭର୍ସ ଅଫ୍ ଓଡ଼ିଶା' (ୱାଓ-୨୦୨୩)ର ତୃତୀୟ ସଂସ୍କରଣ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଷ ହକି ବିଶ୍ୱକପ-୨୦୨୩ରେ 'ଆସ ଖେଳିବା ରଚିବା ଇତିହାସ' ଗୀତ ଗାଇଥିବା କୋରାପୁଟ ଚିନ୍ତାଗୁଡ଼ାର ନମିତା, ସମ୍ବଲପୁରର ଦୁର୍ଦ୍ଦାନ୍ତ ମାଓ କ୍ୟାଡର ଭାବେ ୭ବର୍ଷ ଜେଲ୍ ଯାଇ ମୁଖ୍ୟ ସ୍ରୋତକୁ ଫେରି ଯୁବତୀଙ୍କୁ ସିଲେଇ ପ୍ରଶିକ୍ଷଣ ଦେଉଥିବା ସୁଲୋଚନା, ୭୦ ବର୍ଷ ବୟସରେ ୧୦ ଏକର ଜମିରେ ଧାନ ଚାଷ କରି ଅନ୍ୟଙ୍କୁ ସ୍ୱାବଲମ୍ବୀ କରୁଥିବା ନବରଙ୍ଗପୁରର ବିନୋଦିନୀ, ୧୦୦ଟି ପକ୍କାଘର ତୋଳିଥିବା ମୟୂରଭଞ୍ଜର ରାଜମିସ୍ତ୍ରୀ କୁମୁଦିନୀ, ଯାଜପୁରରର କ୍ରେନ୍ ଚଲାଉଥିବା ମିନୁ ମହାନ୍ତି, ବର୍ଜ୍ୟବସ୍ତୁରୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ସାଉଁଟିଥିବା କେନ୍ଦ୍ରାପଡ଼ାର କମଳା ମହାରଣାଙ୍କ ସମେତ ୩୨ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଲକି ଡ୍ରରେ ବିଜେତା ହୋଇଥିବା ମୟୂରଭଞ୍ଜ ଶୁକ୍ରୁଳି ବ୍ଲକ୍ ପଣ୍ଡବିଲାର କୁମୁଦିନୀ ନାଏକଙ୍କୁ ଇଲେକ୍ଟ୍ରିକ୍ ସ୍କୁଟର୍ ପ୍ରଦାନ କରାଯାଇଥିଲା। ସୋଆ ଉପସଭାପତି ତଥା ସୁମା ରିଅଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ 'ପ୍ରମେୟ' ଓ 'ନ୍ୟୁଜ୍-୭'ର ଗ୍ରୁପ୍ ଏଡିଟର୍ ଗୋପାଳକୃଷ୍ଣ ମହାପାତ୍ର, ସୁମା ରିଅଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ସୁନୀଲ ଦାସ, ସେଲ୍ସ ଆଣ୍ଡ ମାର୍କେଟିଂ ଡାଇରେକ୍ଟର ହିମାଂଶୁ ହୋତା, 'ନ୍ୟୁଜ୍-7'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବେନାରାୟଣ ସେଠୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ଡ. ଗାୟତ୍ରୀବାଳା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିନେ ନିର୍ମାତା ବିୟତ୍‌ପ୍ରଜ୍ଞା ତ୍ରିପାଠୀଙ୍କ ସଂଯୋଜନାରେ 'ସମାନତାକୁ ଗ୍ରହଣ କର' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ ଅଭିନେତା ଅର୍ଚ୍ଚିତା ଯୋଗଦେଇଥିଲେ। ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ଲାସ୍ୟକଳା ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ସହ କଣ୍ଠଶିଳ୍ପୀ ଛନ୍ଦା ମିଶ୍ରଙ୍କ ସଙ୍ଗୀତ ଶୁଣିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ରବିବାର ବିଶେଷାଙ୍କ 'ଅସ୍ମିତା', ଗାୟତ୍ରୀବାଳା ପଣ୍ଡାଙ୍କ କବିତା ସଂକଳନ 'ସ୍ତ୍ରୀଲୋକ' ଉନ୍ମୋଚିତ ହୋଇଥିଲା।

## ସଂକ୍ଷେପରେ

### ୭ ସ୍ଥାନରେ ଖୋଲିଲା ପାନୀୟ ଜଳ ବିତରଣ କେନ୍ଦ୍ର




**ବାଣପୁର,୪।୩(ଡି.ଏନ୍.ଏ.):** ଜନସାଧାରଣ ଯେପରି ଅଂଶୁଘାତର ଶିକାର ନ ହୁଅନ୍ତି ସେନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସହର ଓ ପଞ୍ଚାୟତ ସ୍ତରରେ ଜଳବିତରଣ କେନ୍ଦ୍ର ଖୋଲି ଲୋକଙ୍କୁ ପାନୀୟଜଳ ବଣ୍ଟନ କରିବାକୁ ସରକାରୀ ସ୍ତରରେ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବାଣପୁରରେ ଶନିବାର ପୃଥକ ସ୍ଥାନରେ ମୋଟ୍ ୭ଟି ଜଳବିତରଣ କେନ୍ଦ୍ର ଖୋଲାଯାଇଛି। ବାଣପୁର ଏନ୍ଏସି ପକ୍ଷରୁ ସହରର ବିସରପଟଣା ଛକ, ଷ୍ଟେଟ୍‌ବ୍ୟାଙ୍କ ନିକଟ, ପୁରୀ ଗ୍ରାମ୍ୟ ବ୍ୟାଙ୍କ ନିକଟ, ମେଡିକାଲ ଛକ, ଥାନା ନିକଟ ଏଭଳି ମୋଟ୍ ୭ଟି ସ୍ଥାନରେ ଖୋଲାଯାଇଛି। ଅଧକ୍ଷ ମିଟୁ ନାୟକ ଉକ୍ତ ଜଳବିତରଣ କେନ୍ଦ୍ରଗୁଡିକୁ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ଉପାଧକ୍ଷଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।

### ୭ରେ ଦୋଳଯାତ୍ରା ମହୋତ୍ସବ

**କୃଷ୍ଣପ୍ରସାଦ,୪।୩(ଡି.ଏନ୍.ଏ.)** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ଠାରେ ଆସନ୍ତା ୭ ତାରିଖରେ ଦୋଳଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ପାଞ୍ଚ ମୌଜା ପରିଚାଳନା କମିଟି ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ପୌରୋହିତ୍ୟ କରିବେ। ପରମ୍ପରା ଅନୁଯାୟୀ ମୁଖ୍ୟ ପୀଠାଧୀଶ ନୀଳକଣ୍ଠେଶ୍ୱର ଦେବ ଓ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନର ୨୩ ଠାକୁର ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିଥାନ୍ତି। ଆଲୋକସଜ୍ଜା, ଆତସବାଜି ପ୍ରଦର୍ଶନ ସହ ତୁରି, ଶଙ୍ଖନାଦ, ସମରକଳା ପାଇକଆଖଡ଼ା ଶୋଭାଯାତ୍ରାରେ ଦେଖିବାକୁ ମିଳିଥାଏ। ମେଳଣ ଉତ୍ସବରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ଲୋକନାଥଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୪।୩(ଡି.ଏନ୍.ଏ.):** ସ୍ଥାନୀୟ ଜଙ୍କିଆ-ବାଲିଗାଡ଼ିଆ ଗ୍ରାମର ଇଷ୍ଟଦେବ ଶ୍ରୀଲୋକନାଥଙ୍କ ପୀଠରେ ୩୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ମଲାଗୁଣୀ ନଦୀରୁ ପାଣି ଉଠାଇ କଳସ ଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ପାରମ୍ପରିକ ରୀତିରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଆଦି କାର୍ଯ୍ୟ ହୋଇଥିଲା। ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଦୈନିକ ସକାଳେ ଓ ସନ୍ଧ୍ୟାରେ ଆହୁତ ଦିଆଯାଉଛି। ମଣ୍ଡପରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

# ସଂରକ୍ଷିତ ଜଙ୍ଗଲରେ ନିଆଁ

**ଖୋର୍ଦ୍ଧା ଅଫିସ,୪।୩**

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଶନିବାର ପୁଣି ନିଆଁ ଲାଗିଥିବା ଜଣାପଡ଼ିଛି। ଶିଆଳିଆ ନିକଟ ବରୁଣେଇ ସଂରକ୍ଷିତ ଜଙ୍ଗଲ ସମେତ ନିକଟ ୭ଏକର ବଗିଚା, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଭିତର, ଟାଙ୍ଗିଆପଡ଼ା, ସାରୁଅ, ଜଙ୍କିଆ, କାଇପଦର ଆଦି ଜଙ୍ଗଲରେ ନିଆଁ ଲାଗିଥିଲା। ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ନାକେଦମ ହେବାକୁ ପଡ଼ିଥିଲା। ଗୋଟିଏ ସ୍ଥାନରେ ନିଆଁ ଲିଭି ଆସୁଥିବା ବେଳେ ପୁଣି ଆଉ ଏକ ସ୍ଥାନରେ ନିଆଁ ଲାଗିଥିବା ଖବରପାଇ ଅଗ୍ନିଶମ କର୍ମଚାରୀ ଦିନତମାମ ଏପଟସେପଟ ହେଉଥିବା ଦେଖିବାକୁ ମିଳିଥିଲା।

ସୂଚନା ମୁତାବକ, ପୂର୍ବାହ୍ନରେ ବାଜପୁର ରାସ୍ତାରେ ରହିଥିବା ନିର୍ମାଣାଧୀନ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହିଥିବା ଅନାବନା ଗଛରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ୨୦ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବରଲେଖା ହେବା ପର୍ଯ୍ୟନ୍ତ କମ୍ପ୍ଲେକ୍ସ ଭିତରେ ନିଆଁ କୁହୁଳୁଥିବା ଜଣାପଡ଼ିଛି। ଏହି ସମୟରେ ଏକକାଳୀନ ଟାଙ୍ଗିଆପଡ଼ା, ସାରୁଅ, କାଇପଦର, ଜଙ୍କିଆ ଆଦି ସ୍ଥାନରେ ନିଆଁ ଲାଗିଥିବା ଖବରପାଇ ଅଗ୍ନିଶମ କର୍ମଚାରୀ ଏପଟସେପଟ ହେଉଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟାରେ କୁରାଡମଲ୍ଲ ପଞ୍ଚାୟତର ଶିଆଳିଆ ପାଟଣା ବରୁଣେଇ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ପ୍ରମୋଦ ଛୋଟରାୟଙ୍କ ୭ ଏକର ବଗିଚାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ବଗିଚାରେ ଲାଗିଥିବା ଶତାଧିକ କାଜୁ, ବାଉଁଶ, ଆମ୍ବ ଗଛ ଆଦି ପୋଡି ପାଉଁଶ ହୋଇଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ନିଆଁ ଉଡି ସଂରକ୍ଷିତ ଜଙ୍ଗଲରେ ଲାଗି ଯାଇଥିଲା। ଅଗ୍ନିଶମ କର୍ମଚାରୀ କାଜୁ ଜଙ୍ଗଲ ନିଆଁକୁ ଆୟତ୍ତ କରିଥିବା ବେଳେ ଅନ୍ୟପଟେ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ଏକ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁ କୁହୁଳୁଥିବା ଜଣାପଡ଼ିଛି। ତେବେ ପ୍ରମୋଦଙ୍କ ବଗିଚାରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ କର୍ମଚାରୀ ଅଣନିଃଶ୍ୱାସୀ ହୋଇପଡିଥିଲେ। ଚାରିଆଡେ ନିଆଁ ବ୍ୟାପୀଯାଇଥିବାରୁ ସାଢେ ୩ଟା ଘଣ୍ଟା ଅଗ୍ନିଶମ କର୍ମଚାରୀ ନାକେଦମ ହେବାକୁ ପଡିଥିଲା। ତେବେ ଖବରଲେଖା ହେବା ସୁଦ୍ଧା ନିଆଁ କୁହୁଳିଥିବା ଜଣାପଡ଼ିଛି। ଏନେଇ ବଗିଚା ମାଲିକଙ୍କ ଝିଅ ଅନୁପମା ଓ ଇତିଶ୍ରୀ କୁହନ୍ତି, ଏହି ବଗିଚାରେ ଲକ୍ଷାଧିକ ଟଙ୍କାର କାଜୁ, ବାଉଁଶ, ଆମ୍ବ ଏବଂ ପନିପରିବା ଚାଷ ହୋଇଥିଲା। ସବୁ ଛାରଖାର ହୋଇଯାଇଛି। କେହି ଦୁର୍ବୃତ୍ତ ଏଠାରେ ନିଆଁ ଲଗାଇ ଦେଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସେମାନେ କହିଛନ୍ତି। ସେହିପରି ଆଦର୍ଶ ସ୍କୁଲ ନିକଟରୁ ଶିଆଳିଆ ପାଟଣା ଆଡକୁ ମାଡି ଯାଇଥିବା ରାସ୍ତାକଡ଼ ସଂରକ୍ଷିତ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଫଳରେ ଜଙ୍ଗଲରେ ପଡିଥିବା ଶୁଖିଲା ଡାଳପତ୍ରରେ ନିଆଁ ଲାଗି ଦୀର୍ଘ କିମି ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ଅଗ୍ନିଶମ ଏବଂ ବନ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାଥାଉ କି, ଶୁକ୍ରବାର ବରୁଣେଇ ସଂରକ୍ଷିତ ଜଙ୍ଗଲ ନିକଟ ଏକ କବାଡିଆ ଗୋଦାମରେ ନିଆଁ ଲାଗିଥିବା ବେଳେ ସନ୍ଧ୍ୟାରେ ବରୁଣେଇ ପୀଠ ଉପର ପାହାଡ ନିଆଁ ଲାଗିଥିଲା। ବନ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିବା ସୂଚନା ଦିଆଯାଇଥିବା ବେଳେ ରାତିସାରା ବରୁଣେଇ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି। ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ନିଆଁ ଝୁଲ ଉଡି କୁହୁଳିଥିବା କୁହାଯାଇଛି।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।


କାଜୁ ଜଙ୍ଗଲରେ ନିଆଁ ଜଳୁଛି।

- ଜଳିଗଲା ୭ଏକର ବଗିଚା
- ଅଗ୍ନିଶମ କର୍ମଚାରୀ ନାକେଦମ୍

### ନିଆଁ ଲାଗିବା ପଛରେ ଜମି ମାଫିଆଙ୍କ ସମ୍ପୃକ୍ତି ଚର୍ଚ୍ଚା

ଖୋର୍ଦ୍ଧାର ବରୁଣେଇ ପାହାଡ଼, ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ସ୍ୱାଭାବିକ। ତେବେ ଗତ କିଛି ବର୍ଷ ହେବ ଗ୍ରାମାଞ୍ଚଳ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି। ସେମାନଙ୍କ ମତରେ ସଂରକ୍ଷିତ ଜଙ୍ଗଲକୁ ଲାଗି ସରକାରୀ ଜମି ରହିଛି। ଏହାକୁ ହାତେଇବା ପାଇଁ କେତେଜଣ ଜମି ମାଫିଆଙ୍କ ସୁଚିନ୍ତିତ ଷଡ଼ଯନ୍ତ୍ର। ନିଆଁ ଲାଗି ଜଙ୍ଗଲ ନିକଟବର୍ତ୍ତୀ କାଜୁ ଜଙ୍ଗଲ କିମ୍ବା ସରକାରୀ ଜମିରେ ଲାଗିଥିବା ଗଛପତ୍ର ଜଳିପୋଡି ପାଉଁଶ ହୋଇଗଲେ, ଏହାକୁ ମାଫିଆମାନେ ନିଜ ଅକ୍ତିଆରକୁ ନେବା ସହଜ ହୋଇଥାଏ। ଏନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ରହିଥିବା ଜମିକୁ ଜବରଦଖଲ ମୁକ୍ତ କରାଯିବ।

## ଫୁଲ ଦୋଳଯାତ୍ରା ପାଇଁ ଟାଙ୍ଗୀ ଉତ୍ସବମୁଖର

**ଟାଙ୍ଗୀ(ଖୋର୍ଦ୍ଧା),୪।୩(ଡି.ଏନ୍.ଏ.)**

ଟାଙ୍ଗୀରେ ପ୍ରତିବର୍ଷ ଫାଲ୍‌ଗୁନ ମାସ ଶୁକ୍ଳ ତ୍ରୟୋଦଶୀରେ ଫୁଲ ଦୋଳଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଫୁଲଦୋଳ ଯାତ୍ରା ଦୋଳଯାତ୍ରାର ପ୍ରଥମ ପର୍ବ। ପ୍ରଭୁ ଲୋକନାଥ ଦେବଙ୍କ ନିମନ୍ତ୍ରଣକ୍ରମେ କୁହୁଡି ଛଅଗଡ଼ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଠାକୁର ସୁସଜ୍ଜିତ ବିମାନରେ ଆସି ଦୋଳ ପଡ଼ିଆରେ ନିଜ ନିଜ ମଣ୍ଡପରେ ଅବସ୍ଥାନ କରିଥାନ୍ତି।

ଟାଙ୍ଗୀର ୨୦ଟି ସାହି ରତ୍ନମାଳି ସାହି, ବଳରାମ ପୁର ସାହି, ତଳସାହି, କୋଠ କରଣ ସାହି, ବଡ଼ ପାଇକ ସାହି, ସାନ ପାଇକ ସାହି, ମାନପୁର ପାଟଣା, ବାଲୁଙ୍ଗାଡିହ ପାଟଣା, ଗୋବିନ୍ଦପୁର ପାଟଣା, ଗୋଡିପାଟଣା ସାହି, ପ୍ରଧାନ ସାହି, ଜଗଦ୍ଦେବ ସାହି, ପଣସପୁର ସାହି, ହରିଜନ ସାହି, ପଟ୍ଟନାୟକ ସାହି, ରତନପୁର ପାଟଣା, ମଶାଣି ସାହିରୁ ବିଭିନ୍ନ ଶୋଭାଯାତ୍ରା ବାହାରିଥାଏ। ପ୍ରତିଯୋଗିତାମୂଳକଭାବେ ଶୋଭାଯାତ୍ରାରେ ଲୋକନାଥ ଦେବ ଓ ବାଲୁଙ୍କେଶ୍ୱର ଦେବଙ୍କୁ ଦୋଳପଡିଆ ପର୍ଯ୍ୟନ୍ତ ନିଆଯାଇଥାଏ। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଫଗୁ ଲାଗି କରିଥାନ୍ତି। ନୀତି କାନ୍ତିଭୋଗ ଓ ପୂଜା ପରେ ଠାକୁରଙ୍କ ମେଳନ ହୋଇଥାଏ। ଏହାକୁ ଦେଖିବାକୁ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଏହି ପର୍ବ ପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ଏହି ଅବସରରେ ଟମ୍ ବାବାଙ୍କ ଆଶ୍ରମରେ ୨୪ ପ୍ରହର ନାମଯଜ୍ଞ ହୋଇଥାଏ।


**ବେଗୁନିଆ:** ମଲ୍ଲୀପଦର ଗ୍ରାମରେ ଆୟୋଜିତ ଆମ ଗାଁ ମହୋତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

# ମନ ମୋହିଲା ଆଦିବାସୀ ନୃତ୍ୟ

**ବେଗୁନିଆ,୪।୩(ଡି.ଏନ୍.ଏ.)**

ଆମ ଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟା

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମରେ ଆୟୋଜିତ ଆମ ଗାଁ ମହୋତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ଆଦିବାସୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବ କମିଟି ସଭାପତି ବିଦ୍ୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ମୁଖ୍ୟ ବକ୍ତା,ଭାଜପା ଜିଲା ସମ୍ପାଦକ ପ୍ରକାଶ ବିଜୁଳି, ଖୋର୍ଦ୍ଧା ମହିଳା ମୋର୍ଚ୍ଚା ସଭାପତି ଅର୍ପିତା ଶୁଚିସ୍ମିତା ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚା ରାଜୀବ ଲୋଚନ ଷଡ଼ଙ୍ଗୀ, ସାମାଜିକ କର୍ମୀ ରଞ୍ଜନ କୁମାର ବେହେରା, ଶିବ ପ୍ରସାଦ ମିଶ୍ର, ନିକୁଞ୍ଜ ପଟ୍ଟନାୟକ, ଦେବରାଜ ପଲେଇ, ପୂର୍ବତନ ସମିତିସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୋପୀନାଥ ସେଠୀ, ମୃତ୍ୟୁଞ୍ଜୟ ପଣ୍ଡା ଓ ସନ୍ଦିପ୍ତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା କଳା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ବୌଦ୍ଧରୁ ଆସିଥିବା କଳାକାରଙ୍କ ଆଦିବାସୀ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ଛୁଇଁଥିଲା। ଗୋଟିପୁଅ ନୃତ୍ୟ, ଖୋର୍ଦ୍ଧା ମଣିପାଲ ଡ୍ୟାନ୍ସ, ବଡ଼ବେରଣା ମହାରୀ ନୃତ୍ୟ, ମୟୂରଭଞ୍ଜର ମାଲଖମ୍ବ, ବଡ଼ବବେରଣା ମା' କାଳିକା ଡ୍ୟାନ୍ସ ଗ୍ରୁପ, ମା ଦୁର୍ଗା ଡ୍ୟାନ୍ସ, ଏବିସିଡି ଡ୍ୟାନ୍ସ ଆଦି ନୃତ୍ୟ ପରିବେଷଣ କରିଥିଲେ। ପରେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ବିଶ୍ୱଜିତ ମହାପାତ୍ର, ଲୋହିତ ନାରାୟଣ ମହାପାତ୍ର, ଶେଖ ଅନୱର ଅଲ୍ଲୀ, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ, ସମୀର ସୁନ୍ଦରାୟ, ଜାଗେଶ୍ୱର ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରା ରିପୋର୍ଟର ବିନୋଦ ବେହେରା, ସାମାଜିକ କର୍ମୀ ବାସୁଦେବ ବେହେରା, ଶିକ୍ଷକ ଯୁଧିଷ୍ଠିର ହୋତା, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଓ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନଙ୍କୁ ମଞ୍ଚାସୀନ ଅତିଥି ସମ୍ବର୍ଦ୍ଧିତ କରିଥିଲେ।


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୪।୩**

କବାଡ଼ିଆ ଗୋଦାମରେ ନିଆଁ ଲାଗିବା ଘଟଣା

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ବାଜପୁର ରାସ୍ତା ବରୁଣେଇ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଥିବା ଏକ କବାଡିଆ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିଲା। ଦୀର୍ଘ ୬ ଘଣ୍ଟା ଧରି ନିଆଁକୁ ଆୟତ୍ତ ଲାଗି ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ସଂରକ୍ଷିତ ଜଙ୍ଗଲ ନିକଟରେ ଏହି ଗୋଦାମ ରହିଥିବା ବେଳେ କିପରି ପ୍ରଶାସନ କିମ୍ବା ଜଙ୍ଗଲ ବିଭାଗ ନିକଟରେ ଖବର ନ ଥିଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣା ପରେ ଜିଲାପାଳ ଓ ଏସ୍‌ପି ଘଟଣସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗୋଦାମ କାହା ଅଧୀନରେ ରହିଛି, କିଏ ଏହାକୁ ଅନୁମତି ଦେଇଛି, ତାହାକୁ ନେଇ ପ୍ରଶାସନ ନିକଟରେ କୌଣସି ଖବର ନାହିଁ। ଘଟଣାର ତର୍ଜମା କରାଯାଇ ପରବର୍ତ୍ତୀ ପଦପେକ୍ଷ ନିଆଯିବ ବୋଲି ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି। ଅନ୍ୟପଟେ ଏନେଇ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡାୟାନ କୁହନ୍ତି, କବାଡିଆ ଗୋଦାମ ସଂରକ୍ଷିତ ଜଙ୍ଗଲ ଠାରୁ ଦୂରରେ ରହିଛି। ଜଙ୍ଗଲ ଭିତରେ କାହାରିକୁ କବାଡିଆ ଗୋଦାମ କରିବାକୁ ଅନୁମତି ଦିଆଯାଏ ନାହିଁ। ସେହିପରି ଅଗ୍ନିଶମ ସେବା ଭାରପ୍ରାପ୍ତ ଅଧିକାରୀ ମୀନକେତନ ବେହେରା କହିଛନ୍ତି, ଅଗ୍ନିଶମ ବିଭାଗ ପକ୍ଷରୁ କେବଳ ଶପିଂ ମଲ୍, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ, ଶିଳ୍ପନୁଷ୍ଠାନକୁ ଅନୁମତି ଦିଆଯାଇଥାଏ। କବାଡିଆ ଗୋଦାମକୁ ଅନୁମତି ଦେବା ଆମ ବିଭାଗ ଅଧୀନରେ ନାହିଁ। ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ କବାଡିଆ ଗୋଦାମ ପଞ୍ଜୀକୃତ ହୋଇଛି କି ନାହିଁ, ଏ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

## ଆଜିଠୁ କେରଙ୍ଗ ଅହମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ

**ଖୋର୍ଦ୍ଧା ଅଫିସ,୪।୩**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାରଠାରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ କେରଙ୍ଗ ଅହମଦୀୟା ଫୁଟବଲ ଟୁର୍ନାମେଣ୍ଟ-୨୦୨୩। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ସାରଳା କ୍ଲବ ଢେଙ୍କାନାଳ, କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ଜୁନିୟର ୟୁନାଇଟେଡ୍ ଏଫସି କଟକ, ଭୁବନେଶ୍ୱର ୟୁନିଟ୍-୬ ସ୍ପୋର୍ଟ୍ସ କ୍ଲବ, ଏସଏସଏ ଶରଧାପୁର ଖୋର୍ଦ୍ଧା, ଯୁବଜ୍ୟୋତି କ୍ଲବ ପଙ୍କାଳ, ଗୋଲ୍ଡେନ କ୍ଲବ ଅରଗୁଳ ଏବଂ ଅହମଦୀୟା ଏଫସି କେରଙ୍ଗ କ୍ଲବ ରହିଛି। ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଆସନ୍ତା ୧୦ ଓ ୧୧ ଏବଂ ଫାଇନାଲ ମ୍ୟାଚ ୧୨ତାରିଖରେ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍ ସାରଳା କ୍ଲବ ଢେଙ୍କାନାଳ ଓ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।


**ନିରାକାରପୁର:** ଜଙ୍କିଆ-ବାଲିଗାଡ଼ିଆ ଗ୍ରାମର ଇଷ୍ଟଦେବ ଶ୍ରୀଲୋକନାଥଙ୍କ ପୀଠରେ ୩୬ତମ ବିଶ୍ୱଶାନ୍ତି ମହାଯଜ୍ଞ ପରିପ୍ରେକ୍ଷୀରେ କଳସ ଯାତ୍ରା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

## କାମନା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୪।୩(ଡି.ଏନ୍.ଏ.)**

ଜଗତି ପାହାଡ଼ ସଂଲଗ୍ନ ବଡ଼ପଦର ସ୍ଥିତ କଉଡିଖିଣି ପୀଠରେ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ଶକ୍ତି 'ମା କାମନା' ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଅଙ୍କୁରାରୋପଣ ବିଧି ସହ ୧୦୮ କଳସ ଯାତ୍ରା, ମନ୍ଦିର ରତ୍ନମୁଦ, ନୂତନ ବିଗ୍ରହଙ୍କ ରତ୍ନ ସିଂହାସନ ବିଜେ ଉତ୍ସବ ପାଇଁ ଗତ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଓ ହୋମ ଶନିବାର ସମାପନ ହୋଇଛି। ପ୍ରକାଶ ଯେ, ବଡପଦର ଗ୍ରାମର ଜଣେ ଗ୍ରାମବାସୀଙ୍କୁ ସ୍ୱପ୍ନାଦେଶ ଓ କଉଡିଖିଣି ପୋଖରୀରୁ କାଳିକା ଠାକୁରାଣୀଙ୍କ ଦଣ୍ଡ ଓ ପାଟ ବେତ କୀରିଟ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିଲା। ଚଳିତ ବର୍ଷ ବଡପଦର ଦଣ୍ଡ ଉତ୍ସବ ଆରମ୍ଭ ହେବ।

# ଗେଡ଼ିଆପଲ୍ଲୀପାଟଣାରେ ବଢୁଛି ଚୋରି

- ୩୫ ଭରି ସୁନାରୁପା ଅଳଙ୍କାର, ଟଙ୍କା ନେଇଗଲେ
- ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ବେଗୁନିଆ,୪।୩(ଡି.ଏନ୍.ଏ.)**

ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ପାଟଣା ଗ୍ରାମର କୃଷ୍ଣଚନ୍ଦ୍ର ମାର୍ଥାଙ୍କ ଘରୁ ୨୦ଭରି ସୁନାଅଳଙ୍କାର, ୧୫ଭରି ରୁପା ଓ ୪୩ ହଜାର ଟଙ୍କା ଚୋରି ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୬୪/୨୩) ରୁଜୁ ହୋଇଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ଏବଂ ତାଙ୍କ ପରିବାର ସବୁଦିନ ଭଳି ଶୁକ୍ରବାର ରାତିରେ ଶୋଇଥିଲେ। କେହି ଦୁର୍ବୃତ୍ତ ପ୍ରଥମେ ପରିବାର ଲୋକେ ଶୋଇଥିବା ଘରର କବାଟ ବାହାର ପଟୁ ବନ୍ଦ କରିଦେଇଥିଲେ। ପରେ ଦୁର୍ବୃତ୍ତ ଅନ୍ୟ ଏକ କୋଠରିରେ ପଶିବା ସହ ଗୋଡରେଜ ଭାଙ୍ଗି ସେଥିରେ ଥିବା ଟଙ୍କା, ସୁନା ଓ ରୁପା ଅଳଙ୍କାର ନେଇ ପଳାଇଥିଲେ। ଶନିବାର ସକାଳେ କୃଷ୍ଣଚନ୍ଦ୍ରଙ୍କ ଡାକ ଶୁଣି ସ୍ଥାନୀୟ ବାସିନ୍ଦା ପହଞ୍ଚି କବାଟ ଖୋଲିଥିଲେ। ଏହା ପରେ ଏକ କୋଠରିରୁ ଚୋରି ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏନେଇ କୃଷ୍ଣଚନ୍ଦ୍ର ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନାଥାଉ କି, ଦୁଇ ମାସ ବ୍ୟବଧାନରେ ଏହି ଗ୍ରାମରେ ଦୁଇଟି ବଡଧରଣର ଚୋରି ହୋଇଛି। ଗତ ଡିସେମ୍ବର ୨୮ ବିଳମ୍ବିତ ରାତିରେ ସମାନ ଘଟଣା ଘଟିଥିଲା। ଗ୍ରାମର ଦିଲୀପ ବେହେରାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ସହ ଟଙ୍କା ଚୋରି ହୋଇଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସନ୍ଧାନ ପାଇପାରି ନାହିଁ। ଅନ୍ୟପକ୍ଷରେ ଚୋରିରେ କେତେଜଣ ସ୍ଥାନୀୟ ଅସାମାଜିକ ବ୍ୟକ୍ତିଙ୍କ ହାତ ରହିଛି ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

## ମନ୍ଦିରରୁ ସାମଗ୍ରୀ ଚୋରି, ୨ ଗିରଫ

ନିମାପଡ଼ା,(ଡି.ଏନ୍.ଏ.)- ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ନୂଆପାଟଣା ଗ୍ରାମରେ ଥିବା ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ମନ୍ଦିରରୁ ଗତ ୨୭ତାରିଖ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏହି ମାମଲାରେ ଥାନାଧିକାରୀ ମମତା ବିଶ୍ୱାଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କଳାପାଞ୍ଚଣ ଗ୍ରାମ ଛକରୁ ୨ଜଣ ଚୋରଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେମାନେ ହେଲେ ଉକ୍ତ ଥାନା ଅଧୀନ ମାଧିବରହମପୁର ଗ୍ରାମର ଏସ୍.କେ.ସାଜିତ ଓ ବାଲେଶ୍ୱର ଜିଲା ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାଜା ମହାଲିକ। ରାଜା ଦୀର୍ଘଦିନ ହେବ ଶ୍ୱଶୁର ଘର କଳାପାଞ୍ଚଣ ମଲ୍ଲିକ ସାହିରେ ରହିଆସୁଛନ୍ତି। କୋର୍ଟ ଅଭିଯୁକ୍ତଦ୍ୱୟଙ୍କ ଜାମିନ ନାମଞ୍ଜୁର କରି ହାଜତକୁ ପଠାଇଛନ୍ତି। ପୋଲିସ ସେମାନଙ୍କଠାରୁ ଚୋରି ପିତଳ ହାଣ୍ଡି, ଡସଲା ଆଦି ସାମଗ୍ରୀ ଜବତ କରିଛନ୍ତି। ମନ୍ଦିରରୁ ଚୋରି ନେଇ ଗ୍ରାମବାସୀ ଓ ପୂଜକ ଗତ ୨୮ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୩।୨୦୨୩

| ୫,୭୫,୪୨୪ ଟଙ୍କା | |
|---|---|
| ସୁନା | ୨.୯୦୦ ଗ୍ରାମ |
| ରୁପା | ୨୦ ଗ୍ରାମ |

# ବିପଦପୂର୍ଣ୍ଣ ଅବସ୍ଥାରେ ସ୍ମାର୍ଟ ବିଦ୍ୟାଳୟ



ବିଦ୍ୟାଳୟ କାର୍ଯ୍ୟାଳୟ ସିଲିଂରୁ ଖସିପଡିଥିବା କଂକ୍ରିଟ ।



କଂକ୍ରିଟ ପଡିଥିବା ସ୍ଥାନର ସ୍ଥିତି ଅନୁଧ୍ୟାନ କରୁଛନ୍ତି ଅଧିକାରୀମାନେ ।

**ସାକ୍ଷୀଗୋପାଳ, ୪।୩(ସ୍ୱ.ପ୍ର./ଡି.ଏନ୍.ଏ.)**

**ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ**
- କାର୍ଯ୍ୟାଳୟରୁ କଂକ୍ରିଟ ଖସି କ୍ଲର୍କ ଗୁରୁତର
- ୨୦୨୧ରେ ୫-ଟିରେ ସାମିଲ ହୋଇଥିଲା

ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ବିଦ୍ୟାଳୟ ଭାବେ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ସତ୍ତ୍ୱେ ବିପଦପୂର୍ଣ୍ଣ ଅବସ୍ଥାରେ ଚାଲୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଶନିବାର ଦେଖିବାକୁ ମିଳିଛି। ପୂର୍ବାହ୍ନରେ ବିଦ୍ୟାଳୟର କାର୍ଯ୍ୟାଳୟର ସିଲିଂରୁ ଏକ ବିଶାଳ କଂକ୍ରିଟ ଖଣ୍ଡ ଖସିପଡ଼ିଛି। ଏଥିରେ କାର୍ଯ୍ୟାଳୟରେ କାମ କରୁଥିବା କ୍ଲର୍କ ସୁମନ୍ତ କୁମାର ଷଡ଼ଙ୍ଗୀ ଗୁରତର ଆହତ ହେବା ସହ ଦୁଇଜଣ ଶିକ୍ଷକ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟା ୪୫ରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କ୍ଲର୍କ ସୁମନ୍ତ କୁମାର ଷଡଙ୍ଗୀଙ୍କ ସମେତ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର ଓ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଚଳିତ ନବମ ପରୀକ୍ଷାର ମାର୍କ ଅପଲୋଡ୍ କରୁଥିଲେ। ଏହି ସମୟରେ ସେମାନେ ବସିଥିବା ସ୍ଥାନରେ ଛାତର ସିଲିଂରୁ ଏକ ବିଶାଳ କଂକ୍ରିଟ ଖଣ୍ଡ ଖସିପଡ଼ିଥିଲା। ଫଳରେ ସୁମନ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ ଉପସ୍ଥିତ ଅନ୍ୟ ୨ଜଣ ଆହତ ହୋଇଥିଲେ। ଶବ୍ଦ ଶୁଣି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପହଞ୍ଚି ସୁମନ୍ତଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପୁରୀ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଲୋଚନ ଦାସ, ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ସୂଚନାଥାଉକି, ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ ୨୦୨୧ରେ ୫-ଟିରେ ସାମିଲ ହୋଇ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାମ କରାଯାଇଥିଲା। ଯେଉଁ ବିଲ୍ଡିଂରେ ଏହି କାମ କରାଯାଇଥିଲା ସେଠାରେ ଥିବା ୪ଟି ରୁମକୁ ଛାଡି ନମ୍ବର ୯, ୧୦, ୧୧, ୧୨, ୧୩, ୧୪, ୧୫ ରୁମଗୁଡ଼ିକ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇରହିଥିବା ଜଣାପଡିଛି। ଏହି ସବୁ ରୁମଗୁଡ଼ିକରେ କେଉଁଠାରେ ଛାତରୁ ସିଲିଂ ଖସୁଛି ତ କେଉଁଠି କାନ୍ଥ ଫାଟି ଆଁ କରି ରହିଛି। ଅନ୍ୟପଟେ ଏହି ସବୁ ରୁମରେ ରହିଛି କାର୍ଯ୍ୟାଳୟ, ଲାଇବ୍ରେରୀ, ଷ୍ଟାଫ କମନ୍ ରୁମ୍, ବିଜ୍ଞାନ ଲାଇବ୍ରେରୀ, ଷ୍ଟ୍ରଙ୍ଗରୁମ, ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଥିବାବେଳେ ବିଲ୍ଡିଂର ପ୍ରାୟ ୮୦% ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ଗୀତାଞ୍ଜଳି ବେହେରା, ଦୀପମୁଦ୍ରା ଗୁରୁ, ଉର୍ମିଳା ଦାସ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଏହିଭଳି ବିପଦ ଘରେ କୌଣସି କାର୍ଯ୍ୟ କରିବା ପାଇଁ ଭୟ ରହୁଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଘଟଣା ଘଟିବା ପରେ ଅନୁଧ୍ୟାନ ନିମନ୍ତେ ୩୨ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ରଞ୍ଜନ ବରାଳ, ଜାନକୀ ବଲ୍ଲଭ ବରାଳ ଓ ଅନ୍ୟମାନେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏପଟେ ଆଗକୁ ଆଦର୍ଶ ବିଦ୍ୟାଳୟର ଏଣ୍ଟ୍ରାନ୍ସ ଓ ମାଟ୍ରିକ ପରୀକ୍ଷା ଥିବାବେଳେ ଦଶମ ପରୀକ୍ଷାର ନୋଡାଲ ସେଣ୍ଟର ଭାବେ ଏହି ବିଦ୍ୟାଳୟ ରହୁଛି। ହେଲେ ପରୀକ୍ଷା ପୂର୍ବରୁ ଏଭଳି ଘଟଣାକୁ ନେଇ ଅଞ୍ଚଳର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି।

### ଏମାନେ ଯାହା କୁହନ୍ତି...

"ବିଦ୍ୟାଳୟର ଏହି ବିଲ୍ଡିଂ ୧୦୦ ବର୍ଷତଳର। ତେଣୁ ଏ ସମ୍ପର୍କରେ ମୁଁ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଜଣାଇଛି, ଖୁବ୍‌ଶୀଘ୍ର ଏଭଳି ସମସ୍ୟାର ସମାଧାନ କରାଯିବ। **- ସୁନୀଲ କୁମାର ପଣ୍ଡା, ସମିତି ଅଧ୍ୟକ୍ଷ**

"ଏ ଯେଉଁ ବିଲ୍ଡିଂରୁ କଂକ୍ରିଟ ଖସୁଛି, ସେଗୁଡିକ ୫-ଟିରେ କୌଣସି କାମ କରାଯାଇ ନାହିଁ। ଏ ସମ୍ପର୍କରେ ଉକ୍ତ ବିଭାଗର ଅଧିକାରୀଙ୍କୁ କୁହାଯାଇଛି। ଏହାକୁ ଏକ ବୈଷୟିକ କମିଟି ଯାଞ୍ଚ କରି ରିପୋର୍ଟ ଦେବା ପରେ ଏହା ଉପରେ ପଦକ୍ଷେପ ନିଆଯିବ। କିନ୍ତୁ ଆଗକୁ ମାଟ୍ରିକ ପରୀକ୍ଷା ରହିଥିବାରୁ ଏହି ବିଲ୍ଡିଂ ରେ କୋଣସି କାର୍ଯ୍ୟ ହେବନାହିଁ । **-ଲୋଚନ ଦାସ, ବିଡିଓ**

"ବିଲ୍ଡିଂର ଯେଉଁ ସବୁ ରୁମ୍ ବିପଦପୂର୍ଣ୍ଣ ରହିଛି। ସେନେଇ ବିଡିଓ ଓ ଜିଲାପାଳଙ୍କୁ ପୂର୍ବରୁ ୩ଥର ଚିଠି ଦିଆଯାଇଥିବା ବେଳେ ୨ଥର ରିମାଇଣ୍ଡର ଲେଟର ଦିଆଯାଇଛି। ଏବେ ଯେଉଁ ଅଘଟଣ ଘଟିଛି, ସେଥିପାଇଁ ଏହି ବିଲ୍ଡିଂ ସାମ୍ନାରେ ଥିବା ପୁରୁଣା ଘରେ ସମସ୍ତ କାର୍ଯ୍ୟ ଚାଲିବ। **- ଭବମ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ**

"୫-ଟି ନାଁରେ ଏଠି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି। ସମୁଦାୟ ବିଲ୍ଡିଂରେ ରହିଥିବା ରୁମ ଭିତରୁ କେଉଁ ରୁମ୍ ୫-ଟିରେ କାମ ହୋଇଛି, ୮୦ପ୍ରତିଶତ ରୁମକୁ ବାଦ୍ ଦେଇ ମାତ୍ର ୪ଟି ରୁମ୍‌ରେ ସମୁଦାୟ ଟଙ୍କା ଖର୍ଚ୍ଚ ହୋଇଛି। ଏହାର ତଦନ୍ତ ହେବା ଆବଶ୍ୟକ। **- ଦୀପକ ଶତପଥୀ, ଭାଜପା ନେତା**

## ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ

**ପୁରୀ ଅଫିସ,୪।୩**

ଲିଭପିଓର ଫାଉଣ୍ଡେଶନ ଓ ଅକ୍ସଫାମ ଇଣ୍ଡିଆଙ୍କ ମିଳିତ ସହଯୋଗ ତଥା ଆର୍ଥିକ ସହାୟତାରେ ପୁରୀ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଏବଂ ପୁରୀ ଜିଲା ଅନ୍ତର୍ଗତ ସୁକଳ ଗ୍ରାମ ପଞ୍ଚାୟତର ସୁଜଳପଡା ଗ୍ରାମବାସୀଙ୍କ ଉଦ୍ୟମରେ ସୁଜଳପଡା ଗ୍ରାମରେ ଏକ ସୌରଚାଳିତ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହୋଇଛି। ଉତ୍ସବରେ ଲିଭପିଓର ଫାଉଣ୍ଡେଶନର ସହଯୋଗୀ ପରିଚାଳକ ସାନ୍ତନୁ କୁମାର ପାଣିଗ୍ରାହୀ, ଅକ୍ସଫାମ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ଅମଳିନ ପଟ୍ଟନାୟକ ଓ ଜନସ୍ୱାସ୍ଥ୍ୟର ଆଶିଷ ବାରିକ, ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ଶୁକଳ ସରପଞ୍ଚ ଲଳିତ ମୋହନ ସେନାପତି ଓ ଗ୍ରାମ ମୁଖ୍ୟ ଚନ୍ଦ୍ରଭାନୁ ପ୍ରଧାନ ପ୍ରକଳ୍ପଟିକୁ ଉଦ୍‌ଘାଟନ କରିଥିଲେ। ପରେ ଗ୍ରାମବାସୀଙ୍କୁ ନେଇ ଏକ ଜନ ସଚେତନତା ସଭା କରି ଜଳ ବିଶୁଦ୍ଧୀକରଣ ପ୍ରକ୍ରିୟା ମାଧ୍ୟମରେ ଜଳରୁ ହାନିକାରକ ବର୍ଜ୍ୟ ବାହାର କରି ବିଶୁଦ୍ଧ ପାନୀୟ ଜଳ ପାଇବା ସହ ତାହାର ପରିଚାଳନା ଗ୍ରାମବାସୀଙ୍କ ଦ୍ୱାରା କରାଯିବା ଦାୟିତ୍ୱ ରହିଲା ବୋଲି ଅତିଥିମାନେ କହିଥିଲେ। ଏହି ପାନୀୟ ଜଳ ପ୍ରକଳ୍ପ ମହିଳା ଦିବସ ପୂର୍ବରୁ ମହିଳାମାନଙ୍କୁ ଉତ୍ସର୍ଗୀକୃତ କରାଯାଇଛି। ଗ୍ରାମର ସମ୍ପାଦିକା ସୁଜାତା ପ୍ରଧାନ, ସଦସ୍ୟା କୁନ୍ତଳା ପ୍ରଧାନ ଓ ମଧୁସ୍ମିତା ପ୍ରଧାନଙ୍କ କାର୍ଯ୍ୟ ବିଷୟରେ କହିବା ସହ ପ୍ରକଳ୍ପ ଯୋଗାଥିବା ଅନୁଷ୍ଠାନଙ୍କୁ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲା ସଂଯୋଜକ ଚିତ୍ତରଞ୍ଜନ ପରିଡା, ପ୍ରେମାନନ୍ଦ ସେନାପତି, ଶଶିଭୂଷଣ ବିଶ୍ୱାଳ ଓ ଧର୍ମପ୍ରସାଦ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୦ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଗୋପ,୪।୩(ଡି.ଏନ୍.ଏ.)- କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଶନିବାର ନୂଆହାଟ-ନିମାପଡ଼ା ରାସ୍ତା ର ଯୋଗେଶ୍ୱରପୁର ଛକ ନିକଟରେ ଚଢାଉ କରି ଜଣେ ନିଶା ବେପାରୀ ସହିତ ୯୩ ଗ୍ରାମର ବ୍ରାଉନସୁଗାର ଜବତ କରିଥିବା ଜଣାପଡିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଧୀନ ହଳଦୀବସନ୍ତ ଗ୍ରାମର ପ୍ରଦୀପ ସାହୁ (୩୪)। ଏ ନେଇ କୋଣାର୍କ ଅବକାରୀ ବିଭାଗରେ ନମ୍ବର ୧୫୧/୨୩ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କିଛି ଦିନ ହେବ ଗୋପ ଥାନା ଓ ନୂଆହାଟ ଫାଣ୍ଡି ଅଞ୍ଚଳରେ ବ୍ୟାପକ ପରିମାଣର ବ୍ରାଉନସୁଗାର, ଦେଶୀ ବିଦେଶୀ ମଦ ବେଆଇନ ଭାବରେ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ନେଇ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ, ପୁରୀ ଅବକାରୀ ସଦର ରେଞ୍ଜ ନିରୀକ୍ଷିକା ମାନସୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଙ୍ଗନିଧି ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ନୂଆହାଟ ଅଞ୍ଚଳର ଯୋଗେଶ୍ୱରପୁର ଛକରେ ଚଢ଼ାଉ କରିଥିଲେ। ଚଢ଼ାଉରେ ପ୍ରଦୀପଙ୍କୁ ଧରିବା ସହ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ୯୩ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ।

### ପୁରୀ ବସ୍‌ଷ୍ଟାଣ୍ଡରୁ ବସ୍ ଚୋରି

ପୁରୀ ଅଫିସ,୪।୩- ଜନଗହଳିପୂର୍ଣ୍ଣ ପୁରୀ ବସଷ୍ଟାଣ୍ଡରୁ ଏକ ଘରୋଇ ବସ୍ ଚୋରି ହୋଇଯାଇଥିବା ନେଇ ବସ୍ କର୍ତ୍ତୃପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବସ ଚୋରି ହେବା ନେଇ କଟକର ଜଣେ ବସ୍ ମାଲିକ ଶନିବାର କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପ୍ରତିଦିନ ପରି ପୁରୀରୁ କଟକ ଚଳାଚଳ କରୁଥିବା ଖଣ୍ଡେଇ ବସ୍ ଶୁକ୍ରବାର ସନ୍ଧ୍ୟା ୭ଟାରେ ବସ୍‌ଷ୍ଟାଣ୍ଡରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରିଥିଲା। ତେବେ ଶନିବାର ସକାଳୁ ବସ୍‌ର କଣ୍ଡକ୍ଟର ଛବୀନ୍ଦ୍ର ବେହେରା ଓ ହେଲପର ପ୍ରଭାତ କୁମାର ସାହୁ ବସଷ୍ଟାଣ୍ଡ ଯାଇଥିବାବେଳେ ନିର୍ଦ୍ଧାରିତ ସ୍ଥାନରେ ବସ ନ ଥିବା ଦେଖିବାକୁ ପାଇଥିଲେ। ପରେ ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି କରିଥିଲେ। ମାତ୍ର ବସ୍‌କୁ କୌଣସି ଜାଗାରେ ପାଇ ନଥିଲେ। ଏନେଇ ସେମାନେ ତୁରନ୍ତ ସେମାନେ ବସ୍‌ର ମାଲିକ ବିବେକ ଖଣ୍ଡେଇଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ପରେ ପୁରୀ-ଗୋପ ରାସ୍ତାର ଛଇତନା ନିକଟରେ ବସ୍‌ଟି ଥୁଆହୋଇଥିବା ଜଣେ ଡ୍ରାଇଭରଙ୍କୁ ଖବର ଦେଇଥିଲେ। ଖବର ପାଇ ବସ୍ କଣ୍ଡକ୍ଟର ଓ ହେଲପର ଘଟଣାସ୍ଥଳକୁ ଯାଇ ବସକୁ ଉଦ୍ଧାର କରି ପୁରୀ ଆଣିଥିଲେ। ତେବେ ଗାଡ଼ିର ଅନେକ ଯନ୍ତ୍ରାଂଶ,ଆସବାବପତ୍ର ଓ ତେଲ ଟାଙ୍କିରୁ ସମସ୍ତ ତେଲ ଚୋରି ହୋଇଥିବା ବସ୍‌ର କଣ୍ଡକ୍ଟର ଛବିନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଛନ୍ତି।





ଅଖିଳ ଭାରତୀ ମାରୱାରି ମହିଳା ସମ୍ମିଳନୀ ପୁରୀ ଶାଖା ପକ୍ଷରୁ ଶ୍ୟାମ ବାବାଙ୍କ ଉତ୍ସବ ଉପଲକ୍ଷେ ଶନିବାର ବାହାରିଥିବା ନିଶାନ ଶୋଭାଯାତ୍ରା।

## ସହକାରୀ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**କଣାସ,୪।୩(ସ୍ୱ.ପ୍ର):**

କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ପଞ୍ଚାୟତର ନୂଆଦୋକନ୍ଦା ଗ୍ରାମରେ ପ୍ରତିଷ୍ଠିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ହାତୀ ଗତ ୨୮ତାରିଖ ଦିନ ଅବସର ନେଇଥିବା ବେଳେ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ଲକ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ରାଜେଶ ହରିଚନ୍ଦନ, କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ନିରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ଦାସ, ସର୍ବେଶ୍ୱର ଜେନା, ଗୌତଚରଣ ପ୍ରଧାନ, ପ୍ରଭାକର ମଙ୍ଗରାଜ, ମହେନ୍ଦ୍ର ରଣସିଂହ, ଶିକ୍ଷାକମିଟି ସଭାପତି ଆର୍ତ୍ତତ୍ରାଣ ବେହେରା ଅତିଥିଭାବେ ଯୋଗଦେଇ ଛାତ୍ରବତ୍ସଳ ଓ ପ୍ରକୃତିର ବନ୍ଧୁ ହାତୀ ସାରଙ୍କ ସମ୍ପର୍କରେ କହିଥିଲେ। ପରେ କଳା ତୁଳସୀ ନାମକ ଏକ ସ୍ମରଣୀକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଜଗେନ୍ଦ୍ର ନାଥ ସୁନ୍ଦରାୟ, ନାଟ୍ୟକାର ବିଭୂତି ଭୂଷଣ ପଟ୍ଟନାୟକ, ପୂର୍ବତନ ପ୍ରଧାନଶିକ୍ଷକ କସ୍ତୁରୀଚରଣ ଚମ୍ପତି, ଖବରଦାତା କୃପାସିନ୍ଧୁ ବେହେରା, ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦାଶରଥୀ ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୩ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିସ୍ଥାପିତ ହେବାକୁ ଥିବା ବ୍ୟବସାୟୀଙ୍କୁ ଥଇଥାନ ଦାବି

**କୋଣାର୍କ,୪।୩(ଡି.ଏନ୍.ଏ.)**

କୋଣାର୍କ ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ କୋଣାର୍କ ମେଡିକାଲ ଛକଠାରୁ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ବିସ୍ଥାପିତ ହେବାକୁ ଯାଉଥିବା ବ୍ୟବସାୟୀମାନଙ୍କୁ ଥଇଥାନ ନିମନ୍ତେ ବିସ୍ଥାପିତ ବ୍ୟବସାୟୀମାନଙ୍କ ପକ୍ଷରୁ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଖବର ଅନୁଯାୟୀ, କୋଣାର୍କ ମେଡିକାଲ ଛକଠାରୁ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ୧୧୬ଜଣ ବ୍ୟବସାୟୀ ଓ ପରିବାର କୋଣାର୍କ ସୂର୍ଯ୍ୟ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ପାଇଁ ବିସ୍ଥାପିତ ହେବାକୁ ଯାଉଛନ୍ତି। ଏହି ଘଟଣାକୁ ନେଇ ଗତ ଫେବୃୟାରୀ ୨୪ତାରିଖ ଦିନ ଜିଲା ପ୍ରଶାସନ ପକ୍ଷରୁ ବିସ୍ଥାପିତ ବ୍ୟବସାୟୀ ଓ ପରିବାରବର୍ଗଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଏକ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବିସ୍ଥାପିତଙ୍କଠାରୁ ଜିଲା ପ୍ରଶାସନ ପକ୍ଷରୁ ଆପତ୍ତି ଅଭିଯୋଗପତ୍ରଗୁଡ଼ିକ ଗ୍ରହଣ କରାଯାଇଥିଲା। ଉକ୍ତ ଜାଗାରେ ଦୀର୍ଘଦିନ ଧରି ପରିବାର ଚଳାଉଥିବା ବ୍ୟବସାୟୀମାନେ ଘର ମାଲିକଙ୍କଠାରୁ ଭଡ଼ାସୂତ୍ରରେ ଗୃହ ନେଇ ବ୍ୟବସାୟ କରୁଥିଲେ। ମାତ୍ର କୋଣାର୍କ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ପାଇଁ ସମ୍ପୃକ୍ତ ବ୍ୟବସାୟୀମାନେ ବିସ୍ଥାପିତ ହେବାକୁ ଯାଉଥିବା ବେଳେ ସେମାନଙ୍କୁ ଥଇଥାନ କରିବା ପାଇଁ କୋଣାର୍କଠାରେ ବ୍ୟବସାୟୀ ଉପଯୋଗୀ ସ୍ଥାନ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏଥିସହ ଭବିଷ୍ୟତରେ ସେମାନେ କିଭଳି ଭାବେ ପୂର୍ବପରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିବା ନିମନ୍ତେ ଜିଲାପାଳଙ୍କୁ ଜିଲା ଭୂଅର୍ଜନ ଅଧିକାରୀ ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ବିସ୍ଥାପିତ ବ୍ୟବସାୟୀ ବିଜୟ କୁମାର ପାଢୀ, ଭାଗୀରଥି ସ୍ୱାଇଁ, ସୁଶାନ୍ତ କୁମାର ମହାନ୍ତି, ସର୍ବେଶ୍ୱର ସାହୁ, ବିରବର ସ୍ୱାଇଁଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ସୁପ୍ରିମକୋର୍ଟ ବିଚାରପତି ବି.ଭି. ନାଗାର୍ଥନ ଶନିବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ୧ ଏପ୍ରିଲରୁ ଯୁବ ସମ୍ବାଦ- ଇଣ୍ଡିଆ ୨୦୪୭

**ପୁରୀ ଅଫିସ,୪।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଏବଂ ମାର୍ଗଦର୍ଶନରେ ଭାରତ ଆଜାଦୀ କା ଅମୃତ ମହୋତ୍ସବ ସ୍ୱାଧୀନତାର ୭୫ତମ ବର୍ଷ ପାଳନ କରୁଥିବା ବେଳେ ୨୦୪୭ରେ ଆଗାମୀ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ଭାରତର ସ୍ୱର୍ଣ୍ଣିମ ଇତିହାସ, ଲୋକ କଳା, ସଂସ୍କୃତି ଏବଂ ସଫଳତାର ଗାରିମାମୟ ଉପଲବ୍ଧି ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ଭାଷଣରେ ଘୋଷଣା କରିଥିଲେ। ୨୦୪୭ ସମ୍ପର୍କରେ ଦେଶର ଯୁବପିଢ଼ିଙ୍କୁ ଅବଗତି କରାଇବା ନିମନ୍ତେ ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବକେନ୍ଦ୍ର ସଂଗଠନ ତରଫରୁ ଯୁବ ସମ୍ବାଦ-ଇଣ୍ଡିଆ ୨୦୪୭ କାର୍ଯ୍ୟକ୍ରମର ଏପ୍ରିଲରେ ଆୟୋଜନ କରାଯିବ। ବିକଶିତ ଭାରତ, ଗୋଲାମୀର ମାନସିକତାରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହେବା, ଆମର ଗୌରବଶାଳୀ ଅତୀତକୁ ସମ୍ମାନ ଜଣାଇବା ଏକତା (ଏକ ଭାରତ ଶ୍ରେଷ୍ଠ ଭାରତ) ପ୍ରତି ପ୍ରତିବଦ୍ଧତା ସୃଷ୍ଟି କରିବା ଓ ନାଗରିକଙ୍କ ମଧ୍ୟରେ ଦାୟିତ୍ୱବଦ୍ଧତା ସୃଷ୍ଟି କରିବା ଲକ୍ଷ୍ୟରେ ନେହେରୁ ଯୁବା କେନ୍ଦ୍ର ସଂଗଠନ ପକ୍ଷରୁ ପୁରୀ ଜିଲାରେ 'ଯୁବ ସମ୍ବାଦ ଇଣ୍ଡିଆ ୨୦୪୭'' କାର୍ଯ୍ୟକ୍ରମ ୧ ଏପ୍ରିଲରୁ ୩୧ ମେ ପର୍ଯ୍ୟନ୍ତ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମକୁ ଜିଲାସ୍ତରରେ ବିଭିନ୍ନ ସିବିଏସ୍‌ଇର ସହଯୋଗରେ ଆୟୋଜନ କରାଯିବ। ଯେଉଁମାନେ ଜିଲା ଏନ୍‌ୱାଇକେଏସ୍ ସହିତ ହାତ ମିଳାଇ ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ଉପରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବେ। କାର୍ଯ୍ୟକ୍ରମରେ ଭାରତର ପ୍ରାଚୀନ ଐତିହ୍ୟ ଏବଂ ଗାରିମାମୟ ଉପଲବ୍ଧି ସମ୍ପର୍କରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିମାନେ ଯୋଗଦେଇ ଆଲୋଚନା କରିବା ସହ ଅଂଶଗ୍ରହଣକାରୀ ଯୁବକଙ୍କ ପାଇଁ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବେ। ଯେଉଁ ଯୁବ ସଂଗଠନର କାର୍ଯ୍ୟକର୍ତ୍ତାମାନେ ପରିଚାଳନା ର ଯଥେଷ୍ଟ ସାଂଗଠନିକ ଶକ୍ତି ଏବଂ ଅଭିଜ୍ଞତା ଅଛି, ସେମାନଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନାହିଁ, ସେମାନେ ଜିଲା ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନର ଜିଲା ଯୁବ ଅଧିକାରୀ ଜୟଶଙ୍କର ଯୋଶୀଙ୍କ ମୋ ୭୦୦୮୭୩୫୫୬୩ ରେ ଯୋଗାଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ବିଇଓଙ୍କ କାର୍ଯ୍ୟାଳୟ ଆଗରେ ପାଚିକା ସଂଘର ବିକ୍ଷୋଭ

**ନିମାପଡ଼ା,୪।୩(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ ନିମାପଡ଼ା ବ୍ଲକ ଶାଖା ମଧ୍ୟାହ୍ନଭୋଜନ ପାଚିକା ସଂଘ ପକ୍ଷରୁ ପ୍ରାୟ ୨ଶହ ପାଚିକା ମହିଳାମାନେ ୧୦ଦଫା ଦାବି ନେଇ ଶନିବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାଚିକାମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯିବା, ପାଚିକାମାନଙ୍କ ବୀମା ଓ ପେନସନ ଲାଗୁ କରିବା, ବର୍ଷକୁ ୨ ଶାଢ଼ି(ୟୁନିଫର୍ମ) ଦେବା, ଅବସର ବୟସ ସୀମା ୬୦ପରିବର୍ତ୍ତେ ୬୨ବର୍ଷ କରିବା, ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ଘରୋଇକରଣକୁ ବନ୍ଦ କରିବା, ପ୍ରତ୍ୟେକ ମାସରର ନିର୍ଦ୍ଦିଷ୍ଟ ଦିବସରେ ପାରିଶ୍ରମିକ ଦିଆଯିବା, ୧୦ ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ଦେବା ଆଦି ଦାବି ଅନ୍ତର୍ଭୁକ୍ତ ରହିଛି। ପୁରୀ ଜିଲା ପାଚିକା ସଂଘର ସଭାପତି ପୀତବାସ ବେହେରା, ସମ୍ପାଦିକା ନିରୁପମା ରଥ, ଲକ୍ଷ୍ମୀପ୍ରିୟା ସାହୁ, ଶର୍ମିଷ୍ଠା ଲେଙ୍କା, ସଚଳା ବାରିକ, ରୀନାରାଣୀ ବେହେରା, ସରୋଜିନୀ ପାଣି, ଟିକିନା ପାଲ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ନିମାପଡ଼ା ପୁରୁଣା ବସଷ୍ଟାଣ୍ଡ ହୋଇ ସହର ପରିକ୍ରମା କରି ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବିଇଓଙ୍କ ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ଦ୍ୱିତକାନ୍ତ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା।





ପାଚିକାମାନେ ବିଭିନ୍ନ ଦାବି ନେଇ ବିଇଓଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା ।

## ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**କୋଣାର୍କ,୪।୩(ଡି.ଏନ୍.ଏ.)**





ଅନଶନକାରୀ ଟୁନା ମହାରଣାଙ୍କ ସହ ବିଭାଗୀୟ ସହକାରୀ ଯନ୍ତ୍ରୀ ଆଲୋଚନା କରୁଛନ୍ତି ।

**ବିଦ୍ୟୁତ୍ ସଂଯୋଗ ବଦଳରେ ନୋଟିସ ପାଇଲା**

କୋଣାର୍କ ଥାନା ଅଧୀନ ମହଲପଡା ପଞ୍ଚାୟତ ଅନ୍ତର୍ଗତ ଆମ୍ବିଲିଗାଁ ଗ୍ରାମର ଟୁନା ମହାରଣା କାଠ ମିସ୍ତ୍ରି ଭାବେ ଦୀର୍ଘ ୨ବର୍ଷ ଧରି ବିଦ୍ୟୁତ ସଂଯୋଗ ପାଇଁ ସମସ୍ତ ଦେୟ ପ୍ରଦାନ କରିଥିଲେ ମଧ୍ୟ ବିଭାଗୀୟ ପକ୍ଷରୁ ବିଦ୍ୟୁତ ସଂଯୋଗ ଦେଇ ନ ଥିଲେ। ଓଲଟି ଟୁନା ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇଥିବା ଅଭିଯୋଗ ଆଣି ବିଭାଗୀୟ କର୍ତ୍ତୃପକ୍ଷ ଜରିମାନା ନୋଟିସ ଜାରି କରିଥିଲେ। ଏହି ପ୍ରତିବାଦରେ ଟୁନା ଶୁକ୍ରବାର କୋଣାର୍କସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ତେବେ ଶନିବାର ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଟୁନାଙ୍କ ନିକଟକୁ ଯାଇ ଆଲୋଚନା କରି ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ କରିଥିଲେ।

ଖବର ଅନୁଯାୟୀ, ଆମ୍ବିଲିଗାଁ ଗ୍ରାମର ଟୁନା ଗାଁମୁଣ୍ଡରେ ଏକ ଛୋଟ କାଠ ଅଡାକୁ ବିଦ୍ୟୁତ୍ ସଂଯୋଗ ନେବା ଲାଗି ୨୦୨୧ ଜାନୁୟାରୀରେ ବିଦ୍ୟୁତ୍ ବିଭାଗରେ ଅର୍ଥ ପୈଠ କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ପାଇ ନ ଥିଲେ। ଏ ନେଇ ସେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଏପରିକି କିଛିଦିନ ତଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍କ୍ୱାଡ ଟିମ୍ ପଠାଇ ଟୁନାଙ୍କ ଘରକୁ ୮୮ହଜାର ଟଙ୍କାର ଏକ ନୋଟିସ୍ ଦେଇଥିଲେ। ଏହାର ପ୍ରତିବାଦରେ ଶ୍ରମିକ ନେତା ମନୋରଞ୍ଜନ ପରିଡ଼ାଙ୍କ ସହାୟତାରେ ଟୁନା ବିଭାଗୀୟ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଅନଶନରେ ବସିଥିଲେ। ଶନିବାର ଦ୍ୱିତୀୟ ଦିନରେ ନିମାପଡ଼ାସ୍ଥିତ ଟାଟା ପାୱାର କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ତଥା ପରିଚାଳକଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ଟୁନାଙ୍କ ସହ ଆଲୋଚନା କରିଥିଲେ। ଏପରିକି ଟୁନାଙ୍କ ସମର୍ଥନରେ ଥିବା ଶ୍ରମିକ ନେତା ପରିଡା, ପ୍ରସନ୍ନ ଦାସ, ସୁଶାନ୍ତ କାଣ୍ଡି, ଯୁବନେତା ବିରଞ୍ଚି ନାରାୟଣ ପତି, ଗଣେଶ ଚନ୍ଦ୍ର ସ୍ୱାଇଁ, ହରିହର ବାହିନୀପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯନ୍ତ୍ରୀ ଭୂୟାଁ, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ସମାସ୍ୟାର ସମାଧାନ ନିମନ୍ତେ ଆଲୋଚନା କରାଯାଇଥିଲା। ବିଭାଗ ପକ୍ଷରୁ ଟୁନାଙ୍କ କାଠ ଅଡାକୁ ରବିବାର ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭାଗୀୟ ସ୍କ୍ୱାଡ ଦ୍ୱାରା କରାଯାଇଥିବା ଜରିମାନା ବାବଦରେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ସରକାରୀ ନିୟମ ଅନୁଯାୟୀ ନିଷ୍ପତ୍ତି ନିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ନିର୍ବାହୀ ଯନ୍ତ୍ରୀ, ଥାନାଧିକାରୀ ପ୍ରମୁଖ ଉପସ୍ଥିତ ରହି ଟୁନାଙ୍କୁ ଫଳରସ ପିଆଇ ଅନଶନ ପ୍ରତ୍ୟାହୃତ ହୋଇଥିଲା।

**୨ ବଖରା ଜଳିଗଲା**

କଟକ ସଦର,(ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ଧୁଳେଶ୍ୱର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଗୃହ ମାଲିକ ସୁକାନ୍ତ ଭୋଇ ନିଆଁ ଲିଭାଇବାବେଳେ ଆହତ ହୋଇଥିବାବେଳେ ପଡୋଶୀ ମୁରଲୀ ଭୋଇ ମଧ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏହି ଅଗ୍ନିକାଣ୍ଡରେ ଗୋଟିଏ ଗାଈ ଅର୍ଦ୍ଧଦଗ୍ଧ ହୋଇଥିବାବେଳେ ଦୁଇଟି ଛେଳି ପୋଡ଼ିହୋଇ ମରିଯାଇଛନ୍ତି। ଏଥିସହ ସୁକାନ୍ତଙ୍କର ୪୦ ବସ୍ତା ଧାନ ମଧ ପୋଡିଯାଇଛି। ଖବରପାଇ କଟକରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ପ୍ରାଚୀନଦୀକୁ ଓଲଟିଲା ହାଇୱା: ଡ୍ରାଇଭର ଗୁରୁତର



**କଣ୍ଟାପଡା,୪।୩(ଡି.ଏନ୍.ଏ.):** ବାଇରୋଇ-ଓଲଟପୁର ରାସ୍ତାରେ ଶନିବାର ସକାଳେ ଏକ ବାଲିବୋଝେଇ ହାଇୱା ଭାରସାମ୍ୟ ହରାଇ ପ୍ରାଚୀନଦୀର ୧୦ ଫୁଟତଳକୁ ଖସିପଡିଛି। ଏଥିରେ ଡ୍ରାଇଭର ସଞ୍ଜୟ କୁମାର ସାହୁ(୪୦) ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ହାଇୱା(ନଂ.ଓଡ଼ି୦୫ଏୱାଇ-୯୪୫୩)ଟି ବାଲି ବୋଝେଇ କରି ବାଇରୋଇ ବଜାରରୁ ଓଲଟପୁର ଅଭିମୁଖେ ଯାଉଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଦକ୍ଷିଣପାର୍ଶ୍ୱକୁ ଚଉଡା କରିବା ପାଇଁ ପ୍ରାଚୀନଦୀ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ନିମନ୍ତେ ଖୋଳା ଯାଇଥିଲା। ତେବେ ବାଲିଯୋଗୁ ରାସ୍ତାପାର୍ଶ୍ୱ ଧସିବା ଫଳରେ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟାରିକେଡ୍ କରାଯାଇଥିଲା। ଏହାସତ୍ତ୍ୱେ ଚାଳକ ଜଣଙ୍କ ଦକ୍ଷିଣପାର୍ଶ୍ୱକୁ ହାଇୱାକୁ ନେଇଯିବା ଫଳରେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋତାଯାଇଥିବା ଲୁହା ବ୍ୟାରିକେଡ୍‌ର ଏକ ଖୁଣ୍ଟ ହାଇୱାର କ୍ୟାବିନରେ ଫୁଟି ଯାଇଥିଲା। ଏ ସମ୍ପର୍କରେ କଣ୍ଟାପଡା ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରେମଲତା ଦାସ କହିଛନ୍ତି, ପ୍ରାଚୀରେ ହଠାତ କେନାଲ ପାଣି ଆସିବା ଯୋଗୁ ରାସ୍ତାପାର୍ଶ୍ୱରେ ଥିବା ବାଲିଗୁଡିକ ଧସିହେବା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏଠାରେ ପାଇଲିଂ କରାଯାଇ କାମ କରାଯିବ।

### ଆକ୍ରମଣରେ ୪ ଗୁରୁତର

**ମଙ୍ଗୁଳି-ଜଗତପୁର,୪।୩(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଧୀନ କନ୍ହେଇପୁର ପଞ୍ଚାୟତ ଗୁହାଳୀଡ଼ିଅ ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆକ୍ରମଣକାରୀଙ୍କ ବାପା ଶରତ ଚନ୍ଦ୍ର ମହାନ୍ତି, ଖୁଡୀ ସୁକାନ୍ତି ମହାନ୍ତି, ପଡୋଶୀ ରଞ୍ଜୁଲତା ବିଶ୍ୱାଳ ଓ ପ୍ରମିଳା ବିଶ୍ୱାଳ। ସୂଚନା ମୁତାବକ, ଗୁଆଳିଡ଼ିଅ ଗ୍ରାମର ସୁରେଶ ଚନ୍ଦ୍ର ମହାନ୍ତି ନିଶାସକ୍ତ ଅବସ୍ଥାରେ ଗ୍ରାମର ଲୋକମାନଙ୍କୁ ଗାଳିଗୁଲଜ କରିବା ସହ ଏକ କଟୁରି ଧରି ହାଣିବା ପାଇଁ ଗୋଡାଇଥିଲେ। ଏହି ସମୟରେ ସୁକାନ୍ତି ତାଙ୍କୁ ଅଟକାଇବାରୁ ସେ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଏହାଦେଖି ଶରତ ଅଟକାଇବାରୁ ସେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ରଞ୍ଜୁଲତା ଓ ପ୍ରମିଳା ଦୌଡ଼ି ଆସି ପ୍ରତିରୋଧ କରିବାରୁ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ପାଟିଶୁଣି ଗ୍ରାମବାସୀ ଦୌଡ଼ି ଆସିବାରୁ ସୁରେଶ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି।

### ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

**କଟକ ଅଫିସ,୪।୩:** କଟକ ମହାନଗର ନିଗମ(ସିଏମ୍‌ସି) ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୧୭ ନଂ. ୱାର୍ଡ ଅନ୍ତର୍ଗତ ଗାନ୍ଧୀ ବିଦ୍ୟାପୀଠ ପରିସରରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭, ୧୮, ୨୦, ୨୧ ଓ ୨୩ ନମ୍ବର ୱାର୍ଡର ୧୭ଟି ବସ୍ତିବାସିନ୍ଦା ସଂଘ ଓ ମହିଳା ଗୋଷ୍ଠୀ ଯୋଗଦେଇଥିଲେ। ୧୭ ନଂ. ୱାର୍ଡ ଗୋଷ୍ଠୀ ସଙ୍ଗଠିକା ସଙ୍ଗୀତା ପ୍ରିୟଦର୍ଶିନୀ ଲେଙ୍କା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସିଏମ୍‌ସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ଓ କର୍ମଚାରୀମାନେ ଅଗ୍ନି ନିରାପତ୍ତା ଉପରେ ତାଲିମ ଦେଇଥିଲେ। ଏସ୍‌ଜି ଫାଉଣ୍ଡେଶନର ପ୍ରକଳ୍ପ ପରିଚାଳକ ପ୍ରଦୀପ୍ତ ମହାନ୍ତି, ଗୋଷ୍ଠୀ ସଙ୍ଗଠିକା ସୁନିତା ମହାପାତ୍ର, ଶୁଚିସ୍ମିତା ଶତପଥୀ, ସାମାଜିକ କର୍ମୀ ରାହୁଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କର୍ପୋରେଟର ଏ. ଶ୍ରୀଦେବୀ, ଅରୁନ୍ଧତି କର ଯୋଗଦେଇ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସଂଘର ସଦସ୍ୟାସଦସ୍ୟଙ୍କୁ ବୁଝାଇଥିଲେ। ଏଥିସହ ଏଭଳି କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ୱାର୍ଡରେ ପ୍ରଚାର ପ୍ରସାର କରିବାକୁ ସେମାନେ ପରାମର୍ଶ ଦେଇଥିଲେ।

# ଘର ଭାଙ୍ଗିଲା, ଧାନ ଖାଇଲା

**ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଉପଦ୍ରବ**

**ଖୁଣ୍ଟୁଣୀ,୪।୩(ଡି.ଏନ୍.ଏ.)**

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ସୁଆଁପଶି ଗ୍ରାମରେ ଶୁକ୍ରବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗ୍ରାମର ରବୀନ୍ଦ୍ର ସାମଲଙ୍କ ପରିବାର ଲୋକେ ଶୋଇଥିବାବେଳେ ଏକ ଦଳଛଡା ଦନ୍ତା ହାତୀ ତାଙ୍କ ଘରକୁ ଭାଙ୍ଗି ଦେଇଥିଲା। ଏହି ସମୟରେ ରବୀନ୍ଦ୍ରଙ୍କ ପରିବାର ଲୋକେ ଜୀବନ ବଞ୍ଚାଇବା ପାଇଁ ଘରର ଏକ କୋଣରେ ଛିଡା ହୋଇ ରହିଥିଲେ। ହାତୀ ଗର୍ଜନ ଶୁଣି ସାହି ଲୋକମାନେ ଟର୍ଚ୍ଚ ଲାଇଟ୍ ଧରି ହୋହଲ୍ଲା କରିଥିଲେ। ଫଳରେ ହାତୀଟି ପଳାଇ ଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, କିଛି ମାସ ହେଲା କପିଳାସ ସଂରକ୍ଷିତ ଜଙ୍ଗଲରୁ ହାତୀପଲ ଆସି ଖୁଣ୍ଟୁଣୀ ବନାଞ୍ଚଳର ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲରେ ରହିଛନ୍ତି। ରାତିହେଲେ ଆଖପାଖ ଗ୍ରାମରେ ପଶି ଫସଲ ନଷ୍ଟ କରୁଛନ୍ତି। ଏପରି କି କେତେଜଣ ଲୋକଙ୍କ ବାରିରେ ବସ୍ତାରେ ରଖାଯାଇଥିବା ଧାନ ଖାଇ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଏହି ହାତୀପଲରୁ ଅଲଗା ହୋଇଯାଇଥିବା ଏକ ଦନ୍ତା ଶୁକ୍ରବାର ରାତିରେ ରବୀନ୍ଦ୍ରଙ୍କ ଘର ଭାଙ୍ଗିଦେବା ସହ ବାରଣ୍ଡାରେ ରଖାଯାଇଥିବା ଧାନ ଖାଇଥିଲା। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ନିର୍ଦ୍ଦେଶକ୍ରମେ ଶନିବାର କୃଷ୍ଣପୁର ସେକ୍ସନର କର୍ମଚାରୀ ସସ୍ମିତା ପ୍ରଧାନ ଓ ସହଯୋଗୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ତୁରନ୍ତ ରବୀନ୍ଦ୍ରଙ୍କୁ ଏକ ପକ୍କାଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଏହାକୁ ନେଇ ଲୋକମାନେ ଭୟଭୀତ ରହୁଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡାଉଛନ୍ତି। ହେଲେ ଏ ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ବନ ବିଭାଗ ଏ ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀ ଭାଙ୍ଗି ଦେଇଥିବା ଘର।




ରନ୍ଧନ ଗ୍ୟାସ ମୂଲ୍ୟବୃଦ୍ଧି ପ୍ରତିବାଦରେ ଲିଙ୍କରୋଡ୍‌ଠାରେ ଶନିବାର କଟକ ଜିଲା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# କାନ୍‌ଭାସ୍‌ରେ ରଙ୍ଗବରଷେ



ରଙ୍ଗବରଷେ କାର୍ଯ୍ୟକ୍ରମରେ ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ଚିତ୍ର ଆଙ୍କୁଛନ୍ତି।

**କଟକ ଅଫିସ,୪।୩**

ପୁରୁଣା ସଚିବାଳୟ ମାର୍ଗସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିସରରେ ଶନିବାର କାନ୍‌ଭାସ୍‌ରେ ରଙ୍ଗବରସେ କାର୍ଯ୍ୟକ୍ରମ ମାଧ୍ୟମରେ ହୋଲିକୁ ସ୍ୱାଗତ କରାଯାଇଛି। ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଚିତ୍ରକର ତଥା ଲେଖକ ଡ. ପ୍ରଫୁଲ୍ଲ ମହାନ୍ତି ଉଦ୍‌ଘାଟନ କରିଥିଲେ। ଭାସ୍କର୍ଯ୍ୟଶିଳ୍ପୀ ରବିନାରାୟଣ ରଥଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ରଙ୍ଗତୂଳୀରେ କାନ୍‌ଭାସ୍‌କୁ ଜୀବନ୍ତ କରିଥିଲେ। ଏହି ଅବସରରେ ନବନିଯୁକ୍ତ ଅଧ୍ୟାପକମାନଙ୍କୁ ସ୍ୱାଗତ କରାଯାଇଥିଲା। ଗୁରୁଜୀଗୁରୁମା'ମାନଙ୍କୁ ଛାତ୍ରୀଛାତ୍ରମାନେ ଅବିର ଲଗାଇ ଆଶୀର୍ବାଦ ନେଇଥିଲେ। ନୃତ୍ୟସଙ୍ଗୀତର ଆନନ୍ଦମୟ ପରିବେଶରେ ଛାତ୍ରୀଛାତ୍ରମାନେ ପରସ୍ପରକୁ ଅବିର ବୋଳିଥିଲେ। ଏଥିସହ ହୋଲି ଓ ବସନ୍ତ ଋତୁ ଶୀର୍ଷକରେ କବିତା ପାଠ ହୋଇଥିଲା।

# ଜାଇକା କର୍ମଚାରୀଙ୍କୁ ଆକ୍ରମଣ, ୩ ଗିରଫ

**କଟକ ଅଫିସ,୪।୩**

ରାଣୀହାଟ ଅଞ୍ଚଳରେ ଜାଇକା କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୩ ଜଣ ଯୁବକଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ରାଣୀହାଟ ଶଗଡ଼ିଆସାହିର ବାବୁନା ବେହେରା, ଲୋକନାଥ ବେହେରା ଓ ଅନିଲ ବାରିକ। ସୂଚନା ଅନୁଯାୟୀ, ରାଣୀହାଟ ଅଞ୍ଚଳରେ ଦୋଳମେଳଣ ଦେଖି ଶୁକ୍ରବାର ରାତି ପ୍ରାୟ ୧ଟାରେ ଅଭିଯୁକ୍ତମାନେ ଘରକୁ ଫେରୁଥିଲେ। ରାସ୍ତାରେ ଗାଡ଼ି ରଖାଯାଇ ଜାଇକା କାର୍ଯ୍ୟ ଚାଲିଥିଲା। ସେମାନେ ଉତ୍ତ୍ୟକ୍ତ ହୋଇ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତମାନେ ଅପରପକ୍ଷଙ୍କୁ ଠେଲାପେଲା କରିବା ସହିତ ମାଡ଼ ମାରିଥିବା ନେଇ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା

**ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ଗିରଫ ଘଟଣା**

**କଟକ ଅଫିସ, ୪।୩**

ପୋଲିସ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଗିରଫ କରିବା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଦଳ ପକ୍ଷରୁ ଦିଆଯାଇଥିବା ଏତଲାକୁ ପଞ୍ଜୀକୃତ କରାଯାଇନାହିଁ। ଏହା ବିରୋଧରେ କଟକ ଜିଲା ଭାଜପା ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଶନିବାର ଅନୁଷ୍ଠିତ ହୋଇଥିଲା। ଏହାପରେ ଦଳ ପକ୍ଷରୁ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା।

ଭାଜପା ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗତ ୨୮ ତାରିଖରେ ବିଧାନସଭା ଘେରାଉ ନିମନ୍ତେ ପୂର୍ବ ସୂଚନା ଦିଆଯାଇଥିଲା। ଶୋଭାଯାତ୍ରା ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରୁ ପିଏମ୍‌ଜି ଛକ ପର୍ଯ୍ୟନ୍ତ ଯିବାବେଳେ ପୋଲିସ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ କରିଥିଲା। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଏଏସ୍‌ଆଇ ହତ୍ୟା କରିଛନ୍ତି ବୋଲି କହିବାରୁ ପୋଲିସ ଭାଜପା କର୍ମକର୍ତ୍ତାଙ୍କ ଉପରେ ଆକ୍ରୋଶମୂଳକ ଭାବେ ଆକ୍ରମଣ କରିବା ସହ ଗିରଫ କରିଛି। ପୋଲିସ ଡିଜି, ଭୁବନେଶ୍ୱର-କଟକ ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପି ଘଟଣାର ନିରପେକ୍ଷ ତଦନ୍ତ ନ କରି ଆକ୍ରୋଶମୂଳକ ଭାବେ ଭାଜପା କର୍ମକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ରାଜ୍ୟରେ ଏବେ ଅନ୍ଧାରୀ ଶାସନ ଚାଲିଛି। ପୋଲିସ ଶାସକ ଦଳର ହାତବାରିସି ସାଜିଛି। ଏ ସରକାରକୁ ଜନସାଧାରଣ ଆଉ ବରଦାସ୍ତ କରିବେ ନାହିଁ। ମୁଖ୍ୟ ବିରୋଧୀ ଦଳ ହିସାବରେ ଭାଜପା ନୈତିକ ଦାୟିତ୍ୱ ନେଇଛି। ପୋଲିସ ଡିଜି, ଭୁବନେଶ୍ୱର-କଟକ ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଶନିବାର କଟକ ଏସ୍‌ପିଙ୍କ ନିକଟରେ ସ୍ମାରକପତ୍ର ଦିଆଯାଇଛି। ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି କହିଛନ୍ତି। ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଦିଲ୍ଲୀପ ମଲ୍ଲିକ, ଶାରଦା ପ୍ରସାଦ ପ୍ରଧାନ, ବିଜୟ ଦଳବେହେରା, ସିକନ୍ଦର ଅଲ୍ଲି, ଛବି ମଲ୍ଲିକ, ତୁଷାର ଚକ୍ରବର୍ତ୍ତୀ, ବ୍ରଜେନ୍ଦ୍ର ରାୟ, ବିଭୁଦତ୍ତ ପଟ୍ଟନାୟକ, ରଶ୍ମିରେଖା ଦାସ, ଯାଜ୍ଞସେନୀ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାରତୀୟ କିଷାନ ସଂଘର ପ୍ରତିଷ୍ଠା ଦିବସ

**କଟକ ସଦର,୪।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର କୋଚିଲେଇ ପୀଠରେ ଭାରତୀୟ କିଷାନ ସଂଘର ୪୪ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ସଂଘର କଟକ ସଦର ବ୍ଲକ ସଭାପତି ସନ୍ତୋଷ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କୃଷକ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସଙ୍ଗଠନ ମନ୍ତ୍ରୀ ଶ୍ରୀନିବାସ ଜୀ ଯୋଗଦେଇ କହିଥିଲେ, କୃଷି ଓ କୃଷକଙ୍କ ଉନ୍ନତି ହେଲେ ଦେଶର ଆର୍ଥିକ ସ୍ଥିତି ବଦଳି ଯିବ। ସେହିପରି ମୁଖ୍ୟବକ୍ତା ପ୍ରକାଶ ଚନ୍ଦ୍ର ସେଠୀ କହିଥିଲେ, ୧୯୭୯ ମାର୍ଚ୍ଚ ୪ରେ ରାଜସ୍ଥାନର କୋଟାରେ ଦତ୍ତୋପନ୍ତ ଠେଙ୍ଗଡିଜୀ ପ୍ରତିଷ୍ଠା କରିଥିବା ସଂଘ ଆଜି ମହାଦ୍ରୁମରେ ପରିଣତ ହୋଇଛି। ଏଥିରେ ସଂଘର କଟକ ପ୍ରଭାରୀ ଦେବୀ ପ୍ରସାଦ ପତି ଓ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ଯୋଗ ଦେଇଥିଲେ। ଅନିଲ ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୦ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋହିତ ବେହେରା, ରୁଦ୍ର ପ୍ରଧାନ, ଅସିତ ଭୋଳ, ସୃଜନ ବାରିକ, ହୃଷୀକେଶ ବେଉରା, ପ୍ରଶାନ୍ତ ବାରିକ, ପ୍ରମୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପାଟନାରେ ୱାର୍ଡ ପରିଦର୍ଶନ କଲେ ସିଏମ୍‌ସି ମେୟର



ସିଏମ୍‌ସି ମେୟର ସୁବାସ ସିଂ ପାଟନାରେ ସଫେଇ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**କଟକ ଅଫିସ,୪।୩**

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ୨ଦିନିଆ ବିହାର ଗସ୍ତରେ ଯାଇଛନ୍ତି। ବିହାର ରାଜଧାନୀ ପାଟ୍‌ନାରେ ଶନିବାର ସେ ସ୍ଥାନୀୟ କର୍ପୋରେଟରମାନଙ୍କୁ ନେଇ ଗଠନ ହୋଇଥିବା ଏକ ଟିମ୍ ସହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ସଫେଇକାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ଡ୍ରେନେଜ୍ ଓ ସ୍ୱେରେଜ୍ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବର୍ଷାଜଳ ନିଷ୍କାସନ ବ୍ୟାବସ୍ଥା ସମ୍ପର୍କରେ ବୁଲି ଦେଖିଥିଲେ। ପାଟନା ମହାନଗର ନିଗମ ଦ୍ୱାରା ଦୁଇଟି ଶିଫ୍ଟ ମାଧ୍ୟମରେ ସଫେଇ କାର୍ଯ୍ୟ କରାଯାଉଛି। ସିଞ୍ଚନ ଗାଡି ମାଧ୍ୟମରେ ବିଭିନ୍ନ ରାସ୍ତାକଡରେ ଲାଗିଥିବା ଗଛରେ ପାଣି ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ପାଟ୍‌ନା ମହାନଗର ନିଗମ ୬ଟି ବିଭାଗରେ ଏହି କାର୍ଯ୍ୟଗୁଡ଼ିକୁ ତଦାରଖ କରୁଛି। ବିଶେଷକରି ମେୟର ସିଂ ପମ୍ପହାଉସ ପରିଚାଳନା ଓ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ପରଖିଥିଲେ। ଏଥିସହ ସଫେଇ କର୍ମଚାରୀ ଓ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଅସଫର୍ ଅହମଦ୍, ଆଇନଜୀବୀ ସଞ୍ଜିତ ଦାସ ଓ ବିହାର ମହାନଗର ନିଗମର ବିଭାଗୀୟ କର୍ମଚାରୀ ସୁନ୍ଦର କୁମାର, ବିଜନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

**ଖୁଣ୍ଟୁଣୀ,୪।୩(ଡି.ଏନ୍.ଏ.):** ଖୁଣ୍ଟୁଣୀସ୍ଥିତ ରାଧାନାଥ ନୋଡାଲ ବିଦ୍ୟାପୀଠ ପରିସରରେ ଶନିବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଖୁଣ୍ଟୁଣୀ ଗ୍ରାମର ସାହିବସ୍ତି ଏବଂ ୫୫ ନମ୍ବର ଜାତୀୟ ରାଜପଥରେ ଲୋକଙ୍କୁ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ପାଇଁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ପରିସରରେ ଆଠଗଡ଼ ଅଗ୍ନିଶମ ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁ ଓ ତାଙ୍କ ସହଯୋଗୀ ଯୋଗଦେଇ ହଠାତ ଅଗ୍ନିକାଣ୍ଡ ଘଟିଲେ ନିଜକୁ କିପରି ସୁରକ୍ଷିତ ରଖିବା ସହ ଅନ୍ୟକୁ ରକ୍ଷା କରିବା ସମ୍ପର୍କରେ ସଚେତନ କରାଇଥିଲେ। ପ୍ରଧାନଶିକ୍ଷକ ସୌମେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ବ୍ୟବହାର ପ୍ରତିବାଦରେ କର୍ପୋରେଟରଙ୍କ ଧାରଣା

**କଟକ ଅଫିସ,୪।୩**

ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମି ବିଭାଗରେ ସୁରକ୍ଷା କର୍ମୀ ଓ ମେଡିକାଲ କର୍ମଚାରୀ କଂଗ୍ରେସ କର୍ପୋରେଟର କେ. କାମେଶ୍ୱର ରାଓଙ୍କୁ ଦୁର୍ବ୍ୟବହାର କରିଥିବା ଶନିବାର ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ଆଇସିୟୁରେ ଚିକିତ୍ସାଧୀନ ଜଣେ ରୋଗୀଙ୍କ ରିପୋର୍ଟ ପାଇବା ପାଇଁ ତାଙ୍କ ସମ୍ପର୍କୀୟ ହଇରାଣ ହେଉଥିଲେ। ତାଙ୍କୁ ସାହାଯ୍ୟ କରିବା ପାଇଁ କର୍ପୋରେଟର ରାଓ ରଞ୍ଜନରଶ୍ମି ବିଭାଗକୁ ଶନିବାର ଯାଇଥିବାବେଳେ ଦୁର୍ବ୍ୟବହାରର ଶିକାର ହୋଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଉକ୍ତ ବିଭାଗ ସମ୍ମୁଖରେ ଅପରାହ୍ନ ୨ଟାରୁ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ସେ ଧାରଣାରେ ବସିଥିଲେ। କଂଗ୍ରେସ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଲିଜାରାଣୀ ରାଉତ, ଜନାର୍ଦ୍ଦନ ପରିଡ଼ା, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ ଓ ବିଧାୟକଙ୍କ ପ୍ରତିନିଧି କେଦାର ପୃଷ୍ଟି ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ଏଭଳି ଦୁର୍ବ୍ୟବହାର ସମ୍ପର୍କରେ ତାଙ୍କୁ କେହି ଜଣାଇ ନ ଥିବା କହିଛନ୍ତି।



ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମି ବିଭାଗ ସମ୍ମୁଖରେ କର୍ପୋରେଟରମାନେ ଧାରଣାରେ ବସିଛନ୍ତି।

# ବ୍ୟାଙ୍କ ସ୍ଥାନାନ୍ତର ବିରୋଧରେ ଗଣଧାରଣା

**ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୪।୩(ଡି.ଏନ୍.ଏ.)**

ଚୌଦ୍ୱାରସ୍ଥିତ ଓଟିଏମ୍ ପରିସରରେ ଥିବା ଆଲ୍ଲାହାବାଦ ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ କରି ବ୍ୟାଙ୍କ ସମ୍ମୁଖରେ ଶତାଧିକ ଜନସାଧାରଣ ଗଣଧାରଣାରେ ବସିଛନ୍ତି। ଆଲ୍ଲାହାବାଦ ବ୍ୟାଙ୍କ ୨୦୨୨ରେ ଇଣ୍ଡିଆନ ବ୍ୟାଙ୍କ ସହ ମିଶ୍ରଣ ହୋଇଯିବା ପରେ ତାହାକୁ କଳିଙ୍ଗ ଛକସ୍ଥିତ ମୁଖ୍ୟ ଇଣ୍ଡିଆନ୍ ବ୍ୟାଙ୍କକୁ ନେଇଯିବା ପାଇଁ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏକ ନୋଟିସ୍ ବ୍ୟାଙ୍କ ସମ୍ମୁଖରେ ମରାଯାଇଥିଲା। ଓଟିଏମ୍ ବଞ୍ଚାଅ ସଙ୍ଗଠନର ଆବାହକ ଦୀପକ ବାରିକଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଉପଭୋକ୍ତା ଏହାକୁ ତୀବ୍ର ବିରୋଧ କରି ଧାରଣା ଦେଇଛନ୍ତି। ଚୌଦ୍ୱାର ପୌରପାଳିକାରୁ ପାଉଥିବା ବାର୍ଦ୍ଧକ୍ୟ ଭତ୍ତା, ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତି, ଓଟିଏମ୍ ଟେକ୍ସଟାଇଲ ମିଲ୍‌ରୁ ପାଉଥିବା ପେନ୍‌ସନ୍ ଧାରୀ, ସ୍ଥାନୀୟ ବ୍ୟବସାୟୀଙ୍କୁ ମିଶାଇ ୨୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କର ଏହି ବ୍ୟାଙ୍କରେ ଆକାଉଣ୍ଟ ରହିଛି। ହେଲେ ଏହି ବ୍ୟାଙ୍କ କଳିଙ୍ଗ ଛକକୁ ସ୍ଥାନାନ୍ତର ହେଲେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ବ୍ୟାଙ୍କ ସ୍ଥାନାନ୍ତର ନିଷ୍ପତ୍ତି ନ ବଦଳିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ବ୍ୟାଙ୍କର ଚିଫ୍ ମ୍ୟାନେଜର ପ୍ରଦୀପ ଶତପଥୀ କହିଛନ୍ତି, ଚେନ୍ନାଇରେ ଥିବା ଆମ ହେଡ୍ ଅଫିସର କଡା ନିର୍ଦ୍ଦେଶ ରହିଛି ଯେ ୧ କି.ମି. ପରିଧି ଭିତରେ ଦୁଇଟିସମକକ୍ଷ ବ୍ୟାଙ୍କ ରହିପାରିବ ନାହିଁ। ତାଙ୍କ ନିର୍ଦ୍ଦେଶ ପାଳନ କରିବା ବାଧ୍ୟତାମୂଳକ। ଏହି ଗଣ ଧାରଣାରେ ଦୁଲାଳସେନ ସ୍ୱାଇଁ, ସରୋଜ କୁମାର ନାୟକ, ବିଜୟାନନ୍ଦ ବେଉରିଆ, ନବ କିଶୋର ଭୂୟାଁ, ଲିଳିବାଳା ସାହୁ, ଭାସ୍କର ଚନ୍ଦ୍ର ରାଉତରାୟ, ରତ୍ନାକର ପରିଡା, ଚିତ୍ତରଞ୍ଜନ ବେହେରା, ବିନୋଦିନୀ ରାଉତରାୟଙ୍କ ସମେତ ଶତାଧିକ ସଙ୍ଗଠନର ସଦସ୍ୟ, ବ୍ୟାଙ୍କ ଉପଭୋକ୍ତା ଓ ମହିଳାମାନେ ସାମିଲ ହୋଇଥିଲେ।



ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ କରି ଲୋକମାନେ ଧାରଣାରେ ବସିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ବିଜୁ ପଟ୍ଟନାୟକ ପାର୍କ, ସକାଳ ୯ଟା।
- ଓଡ଼ିଶା ଏନ୍‌ଭାରମେଣ୍ଟାଲ ସୋସାଇଟି ପକ୍ଷରୁ ସେମିନାର, ଏନ୍‌ଡି-୪, ଭିଆଇପି ଏରିଆ, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୦ଟା ୩୦।
- ବାସନ୍ତୀ ପଟ୍ଟନାୟକଙ୍କ ଜନ୍ମ ଦିନ ଅବସରରେ ରକ୍ତଦାନ ଶିବିର, କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ, ପୂର୍ବାହ୍ନ ୧୧ଟା।
- ବିଜୁ ଶିକ୍ଷକ, କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ବିଜୁ ଜୟନ୍ତୀ ପାଳନ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୪ଟା ୩୦।
- ଇଣ୍ଟରଭିୟୁ ଟାଇମ୍ସ ପକ୍ଷରୁ ଷ୍ଟେଟ ବିଜିନେସ୍ ଲିଡରଶିପ ଆୱାର୍ଡ ଆଣ୍ଡ ସମିଟ୍, ସ୍ୱସ୍ତି ପ୍ରିମିୟମ, ସନ୍ଧ୍ୟା ୬ଟା।
- କଳାଭୂମି ମହୋତ୍ସବ-୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଲୋକସେବା ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଅସୀମ ଉତ୍ସବ ୨୦୨୩, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୧୫।

**କଟକ**

- ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନସ୍ ଆସୋସିଏଶନ ପକ୍ଷରୁ ୧୭ତମ ମିନି ମାରାଥନ, ଆନନ୍ଦ ଭବନ ନିକଟ, ତୁଳସୀପୁର, ସକାଳ ୭ଟା।
- ଫାର୍ମାସ୍ୟୁଟିକାଲ ଏମ୍ପ୍ଲୋଇଜ୍ ୟୁନିୟନର ୩୨ତମ ସାଧାରଣ ପରିଷଦ ବୈଠକ, ଟାଉନ ହଲ୍, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଯୋବ୍ରା ଜଗତପୁର ଜୋନର ବାର୍ଷିକ ସମ୍ମିଳନୀ, ଏସ୍.ଏନ୍. ସରକାର ସ୍ମୃତି ଭବନ, ଯୋବ୍ରାରୋଡ୍, ପୂର୍ବାହ୍ନ ୧୧ଟା ୩୦।
- ପ୍ରଥମ ଭୀମସେନ ସାହୁ ମେମୋରିଆଲ ଅଲ ଓଡ଼ିଶା ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ, ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୪ଟା ।
- ସଙ୍ଗୀତ ଓ ଆଧାତ୍ମିକ ଚେତନାର ବିକାଶ କାର୍ଯ୍ୟକ୍ରମ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା ୩୦।
- କଟକ ସହରାଞ୍ଚଳର ଜୋନ-୫ ଏସିପିଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ, ପୋତାପୋଖରୀ, ନୂଆବଜାର, ଅପରାହ୍ନ ୪ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ଉତ୍ସବ, ଆନନ୍ଦ ଭବନ ସଂଗ୍ରହାଳୟ, ଅପରାହ୍ନ ୫ଟା।

**ପୁରୀ**

- ବିଜୁ ଜନତା ଦଳ ପକ୍ଷରୁ ଦୀପଦାନ ଓ ସାଇକଲ ରାଲି, ସିଂହଦ୍ୱାର ଓ ଅଠରନଳା ନିକଟ, ସକାଳ ୭ଟା।
- ବିଜୁ ଯୁବ ଜନତା ଦଳ ପକ୍ଷରୁ ଦୀପଦାନ ଓ ସାଇକେଲ ଶୋଭାଯାତ୍ରା, ସିଂହଦ୍ୱାର ଓ ଜଗନ୍ନାଥ ବଲ୍ଲଭ, ସକାଳ ୮ଟା।
- ରାମାନୁଜାର୍ଯ୍ୟଙ୍କ ମୂର୍ତ୍ତି ଅନାବରଣ କାର୍ଯକ୍ରମ, ହେଲିପ୍ୟାଡ ଛକ, ସକାଳ ୯ଟା।
- ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ଗୋପବନ୍ଧୁ ଆୟୁର୍ବେଦିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୨୦।
- ଉତ୍କଳ ବିଦ୍ୱତ ପରିଷଦର ମାସିକ ଆଲୋଚନାଚକ୍ର, ଜଗନ୍ନାଥ ବଲ୍ଲଭ ମଠ ପରିସର, ପୂର୍ବାହ୍ନ ୧୧ଟା।
- ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ମାସିକ ଆଲୋଚନାଚକ୍ର, ୟୁଥ ହଷ୍ଟେଲ ପରିସର, ଅପରାହ୍ନ ୫ଟା।

**ନିମାପଡ଼ା**

- ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ଅବସରରେ ସାଇକେଲ ଶୋଭାଯାତ୍ରା ଓ ସମ୍ବର୍ଦ୍ଧନା ସମାରୋହ, ଶ୍ରୀମୁଖ ଛକ, ସକାଳ ୭ଟା।

# ବାଉଁଶ ହସ୍ତଶିଳ୍ପରେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି

- ବାଉଁଶ କାରିଗରଙ୍କୁ ବୈଷୟିକ ପ୍ରଶିକ୍ଷଣ ଦିଆଯିବ
- ନିର୍ଦ୍ଦେଶାଳୟ ପକ୍ଷରୁ ୬ ସୁବିଧା କେନ୍ଦ୍ର ନିର୍ମାଣ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ବାଉଁଶକୁ ନେଇ ଏକ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଅତିଥି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ବାଉଁଶ ଶିଳ୍ପରେ ଡିଜାଇନ୍, ସହନୀୟତା ଓ ଉତ୍ପାଦର ସମ୍ଭାବ୍ୟ ଅଭିବୃଦ୍ଧି ଉପରେ ଆୟୋଜିତ ଏହି କର୍ମଶାଳାକୁ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ପାଢ଼ୀ କହିଲେ, ବାଉଁଶରେ ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ ପରିବେଶ ଉପଯୋଗୀ ଓ ପ୍ରଦୂଷଣମୁକ୍ତ। ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ସହାୟତାରେ ରାଜ୍ୟରେ ବାଉଁଶ ହସ୍ତଶିଳ୍ପର ବିକାଶ ଓ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ନିମନ୍ତେ ବିଭାଗ ପକ୍ଷରୁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସଂସ୍ଥାର ଆର୍ଥିକ ସହାୟତାରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ୬ଟି ସାଧାରଣ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି । ସେଥିରେ ବାଉଁଶ କାରିଗରଙ୍କ ପାଇଁ ବାଉଁଶ ପ୍ରକ୍ରିୟାକରଣ ୟୁନିଟ୍, ହସ୍ତଶିଳ୍ପ ୟୁନିଟ୍, ଆସବାବପତ୍ର ତିଆରି ୟୁନିଟ୍, ବାଉଁଶ ବଜାର ଆଦି କରାଯାଇଛି। ଏହି ଯୋଜନାରେ ବାଉଁଶ କାରିଗରଙ୍କୁ ହସ୍ତଶିଳ୍ପ କ୍ଷେତ୍ରରେ ଆଧୁନିକ ଓ ବୈଷୟିକ ଜ୍ଞାନର ପ୍ରଶିକ୍ଷଣ ଦିଆଯିବ। ଫଳରେ କାରିଗରମାନେ ମୂଲ୍ୟବାନ ଓ ବଜାର ଚାହିଦା ମୁତାବକ ସାମଗ୍ରୀ ତିଆରି କରିପାରିବେ। ପ୍ରଥମ ପର୍ଯ୍ୟାୟରେ ୨୪ଜଣ କାରିଗର ଏନ୍‌ଆଇଡି ବେଙ୍ଗାଲୁରୁକୁ ଟ୍ରେନିଂ ପାଇଁ ଯାଉଛନ୍ତି ବୋଲି ଡ. ପାଢ଼ୀ ପ୍ରକାଶ କରିଥିଲେ। ଏହି ଯୋଜନାରେ ୫ଟି ଜିଲାର ୬ଟି ପୁଞ୍ଜରେ ପୁଞ୍ଜସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବାଉଁଶ ଶିଳ୍ପର ଅଭିବୃଦ୍ଧି ଦିଗରେ କାରିଗରଙ୍କୁ ସଚେତନ କରାଯାଇଛି । ବଜାର ଚାହିଦା ମୁତାବକ ବାଉଁଶ ସାମଗ୍ରୀ ପ୍ରସ୍ତୁତି ଓ ବିପଣନ ପାଇଁ ଜାତୀୟ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡିଜାଇନ୍‌ରଙ୍କ ସହାୟତାରେ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି କର୍ମଶାଳାରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ ସୁଦୀପ ନାୟକ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଓ ବିଭାଗୀୟ ଉପନିର୍ଦ୍ଦେଶକ ଶିଶିର କୁମାର ରଥ ଯୋଗଦେଇଥିଲେ । ବିଶିଷ୍ଟ ବକ୍ତା ଭାବେ ପ୍ରଫେସର ଡ. ବିନୟ ଭୂଷଣ ଜେନା, ପ୍ରଫେସର ଡ. ନିରାକାର ଭୋଳ, ସୁଶାନ୍ତ ସି.ଏସ୍, ଚିରଞ୍ଜୀବୀ ମିଶ୍ର ଯୋଗଦେଇ କାରିଗରଙ୍କୁ ବାଉଁଶ ହସ୍ତଶିଳ୍ପରେ ବ୍ୟବହୃତ କଞ୍ଚାମାଲ, ଉତ୍ପାଦନ ବୃଦ୍ଧି ଏବଂ ଡିଜାଇନ୍ ଓ ବୈଷୟିକ ଜ୍ଞାନ ପ୍ରଦାନ କରିଥଲେ।



ରାଜ୍ୟସ୍ତରୀୟ କର୍ମଶାଳାରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓ ଅନ୍ୟ ଅତିଥିମାନେ।


କଳାଭୂମି ମହୋତ୍ସବରେ ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ ଅବସରରେ ରାମହରି ଦାସ, ପ୍ରଦ୍ୟୁମ୍ନ ଶତପଥୀ ଓ ଶ୍ରୀନିବାସ ଘଟୁଆରୀ।

# ଆରମ୍ଭ ହେଲା କଳାଭୂମି ମହୋତ୍ସବ

- ରାମହରି ଦାସ ଓ ପ୍ରଦ୍ୟୁମ୍ନ ଶତପଥୀଙ୍କୁ 'କଳାଭୂମି ସମ୍ମାନ'
- ଶ୍ରୀନିବାସ ଘଟୁଆରୀଙ୍କୁ 'କଳାଭୂମି ଯୁବ ସମ୍ମାନ'

ଭୁବନେଶ୍ୱର, ୪।୩(ବ୍ୟୁରୋ)

କଳାଭୂମି ମହୋତ୍ସବ ଶନିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ସଂସ୍କୃତି ମହାବିଦ୍ୟାଳୟର କୁଳପତି ପ୍ରସନ୍ନ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଭାଷା ଓ ସାହିତ୍ୟ ଲାଗି ପ୍ରଦ୍ୟୁମ୍ନ ଶତପଥୀ ଏବଂ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଗୁରୁ ରାମହରି ଦାସଙ୍କୁ 'କଳାଭୂମି ସମ୍ମାନ'ରେ ସମ୍ମାନିତ କରାଯାଇଛି। ସମ୍ମାନ ବାବଦକୁ ୧୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ଶ୍ରୀନିବାସ ଘଟୁଆରୀଙ୍କୁ 'କଳାଭୂମି ଯୁବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ୨ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ ଶାସ୍ତ୍ରୀୟ ନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଶା ତଥା ଓଡ଼ିଶା ବାହାରୁ ଶାସ୍ତ୍ରୀୟ ଶିଳ୍ପୀମାନେ ଯୋଗଦେଇଥିଲେ। ଏକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟକ୍ଷ ପ୍ରମୋଦ ପତି ଧନ୍ୟବାଦ ଦେଇଥିଲେ।


ମହୋତ୍ସବରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।

# ମନ୍ତ୍ରୀ ଅତନୁଙ୍କୁ ଭେଟିଲା ଓଡ଼ିଶା କୃଷକ ସାଥୀ ସଂଘ

ଭୁବନେଶ୍ୱର,୪।୩(ବ୍ୟୁରୋ)

କୃଷି ଓ କୃଷକର ବିକାଶ ପାଇଁ ୭ ଦଫା ନେଇ ଲୋୟର ପିଏମଜିରେ ଓଡ଼ିଶା କୃଷକ ସାଥୀ ସଂଘର ଆନ୍ଦୋଳନ ଜାରି ରହିଛି। ଶନିବାର ରାଜ୍ୟ ଖାଦ୍ୟ, ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ସଂଘର ସଭାପତି ଅମୂଲ୍ୟ କୁମାର କର, ସମ୍ପାଦକ ଜିତେନ୍ଦ୍ର ସାହୁ ଓ କେନ୍ଦ୍ରାପଡ଼ାର କୃଷକ ସାଥୀ ବିଶ୍ୱରଞ୍ଜନ ଦାସ ପ୍ରମୁଖ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। କୃଷି ବିଭାଗରେ କୃଷି କର୍ମଚାରୀର ମାନ୍ୟତା ପ୍ରଦାନ, କୁଶଳୀ ଶ୍ରମିକ ହାରରେ ମାସିକ ମଜୁରି ପ୍ରଦାନ, ପିଏଫ୍, ଇଏସ୍‌ଆଇ ସହ ସାମାଜିକ ସୁରକ୍ଷା ପ୍ରଦାନ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷି ଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀଙ୍କୁ ନିୟୋଜିତ କରିବା ଦାବି ରହିଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ଚରମ ନିଷ୍ପତ୍ତି ନେବ ବୋଲି ସଂଘ ସଭାପତି ଅମୂଲ୍ୟ କର ଚେତାବନୀ ଦେଇଛନ୍ତି।

# ଗ୍ରନ୍ଥାଗାର ଭିତ୍ତିଭୂମିର ବିକାଶ ହେବ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସମସ୍ତ ଗ୍ରନ୍ଥାଗାରର ଭିତ୍ତିଭୂମି ବିକାଶ କରାଯିବ। ପାଠକଙ୍କୁ ବିଭିନ୍ନ ସେବାମୂଳକ ପରୀକ୍ଷାରେ ସହଯୋଗିତା ସହ ଗବେଷଣା ସହାୟତା ଯୋଗାଇ ଦେବାକୁ ଖୁବ୍‌ଶୀଘ୍ର ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବ। ଆବଶ୍ୟକ ସଂଖ୍ୟକ ଗ୍ରନ୍ଥାଗାରିକ ଓ ଅନ୍ୟ ପଦବୀ ପୂରଣ କରିବାକୁ ସରକାର ଗୁରୁତ୍ୱର ସହିତ ବ୍ୟବସ୍ଥା କରୁଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ଶନିବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ନୂତନ ସମ୍ମିଳନୀ କକ୍ଷ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପାତ୍ର କହିଲେ, ପୁସ୍ତକ ଯୁଗେଯୁଗେ ମଣିଷର ବନ୍ଧୁ ଭାବରେ ଜ୍ଞାନ ବିକାଶରେ ସହଯୋଗ କରିଆସିଥିବାବେଳେ ପାଠାଗାର ମଧ ମାର୍ଗ ଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ସାଧନ ହୋଇଥିଲେ ମଧ ପ୍ରତ୍ୟେକ ବ୍ୟକ୍ତି ପୁସ୍ତକ ଅଧ୍ୟୟନ କରିବା ଦ୍ୱାରା ନିଜର ଜ୍ଞାନ ବୃଦ୍ଧି କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ପାଠାଗାରଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ସରକାର ନୂତନ ନୀତି ପ୍ରଣୟନ କରିବାକୁ ଯାଉଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ପାଠାଗାର ସହ ଯୋଡ଼ି ପାଠକଙ୍କ ଜ୍ଞାନର ବିକାଶ ଓ ସେମାନଙ୍କୁ ମାର୍ଗଦର୍ଶନ ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀ ତଥା ଅନୁଶାସନ ସଚିବ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ତ୍ରିନାଥ ବେହେରା ଯୋଗଦାନ ଦେଇଥିଲେ। ଗ୍ରନ୍ଥାଗାରିକା ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ନୂତନ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଭୁପ୍ରସାଦ


@ ଅଶାଜିତ୍


@ କାଳିଆ


@ ରାଜେଶ


@ ମୋନାଲିସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





କେନ୍ଦ୍ର ସରକାରଙ୍କ ବାରମ୍ବାର ରନ୍ଧନ ଗ୍ୟାସ ଦର ବୃଦ୍ଧିକୁ ବିରୋଧ କରି ସିପିଆଇ ଓ ଭାରତୀୟ କ୍ଷେତ ମଜଦୁର ସଂଘ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ (ବାମ)। ସିପିଆଇ(ଏମ୍) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି। (ଫଟୋ-ମନୋରଞ୍ଜନ)

# ରନ୍ଧନ ଗ୍ୟାସ ଦରଦାମ ବୃଦ୍ଧିକୁ ବିରୋଧ

ଭୁବନେଶ୍ୱର,୪।୩(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ସିପିଆଇଏମ୍ ଆଞ୍ଚଳିକ କମିଟି ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବାଦରେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଶନିବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବର୍ଷକ ମଧ୍ୟରେ ଦୁଇଥର ରନ୍ଧନ ଗ୍ୟାସ ବୃଦ୍ଧି କରାଯାଇଛି। ଫଳରେ ସାଧାରଣ ପରିବାରଠାରୁ ଆରମ୍ଭ କରି ଛୋଟ ଚା' ଓ ଜଳଖିଆ ଦୋକାନ କରି ଗୁଜରାଣ ମେଣ୍ଟାଉଥିବା ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ବିକ୍ଷୋଭକାରୀଙ୍କ କହିବାନୁସାରେ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ପାଇ ନ ଥିବା ପରିବାରଙ୍କ ମଧ୍ୟର ୧୦ ପ୍ରତିଶତ ପରିବାର ଗୋଟିଏ ମଧ ସିଲିଣ୍ଡର କିଣିପାରିନାହାନ୍ତି। ସେହିପରି ଖାଦ୍ୟ ରିହାତିରେ ୯୦ ହଜାର କୋଟି ଟଙ୍କା ହ୍ରାସ କରିବା ଯୋଗୁ ଚାଉଳ, ଗହମ ଆଦିର ଖୋଲାବଜାର ଦର ବଢ଼ିଛି । ଏଣୁ ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଦର ବୃଦ୍ଧି ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଜଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ନେତ୍ରୀ ମିନତୀ ପାଣିଗ୍ରାହୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା।

